ପୃଷ୍ଠା-୧୨+୧୨

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୪/୨୦୨୩ (୧୨+୧୨=୨୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 14/2023 Page 24 ₹ 7.00

୪୯ଶ ଭାଗ ୫୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 52 ମୂଲ୍ୟ ₹୭/-

# ବିଜୟରୁ ଭାରତର ଅଭିଯାନ

## ଓଡ଼ିଆ ଖେଳାଳି ଅମିତ ରୋହିଦାସ ଦେଲେ ପ୍ରଥମ ଗୋଲ



ପୁରୁଷ ହକି ବିଶ୍ୱକପ୍-୨୦୨୩ ସ୍ପେନ୍ ବିପକ୍ଷ ମ୍ୟାଚରେ ଭାରତ ପକ୍ଷରୁ ଗୋଲ୍ ଦେଇଥିବା ଅମିତ ରୋହିଦାସ (ବାମ)ଙ୍କୁ ସାଥୀ ଖେଳାଳିମାନେ ଶୁଭେଚ୍ଛା ଜଣାଉଛନ୍ତି।



ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶୁକ୍ରବାର ବିଶ୍ୱକପ୍ ଟ୍ରଫି ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ହକି ଇଣ୍ଡିଆ ଓ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଏଚ୍ଆଇ)ର ଅଧିକାରୀମାନେ।

### ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଆରମ୍ଭ ହେଲା ହକି

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ, ୧୩ା୧**

ଓଡ଼ିଶା କ୍ରୀଡ଼ା ଇତିହାସରେ ଶୁକ୍ରବାର ଯୋଡ଼ିହୋଇଛି ନୂଆ ଫର୍ଦ୍ଦ। ରାଉରକେଲାର ନବନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆରମ୍ଭ ହୋଇଛି ହକି ରୋମାଞ୍ଚ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ତାୟାବ ଇକ୍ରାମ, ହକି ଇଣ୍ଡିଆ ଓ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆରମ୍ଭ ହୋଇଛି ବିଶ୍ୱକପ୍‌ର ମହାପର୍ବ। ୨୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଭାରତର ପ୍ରଥମ ମ୍ୟାଚରେ ଦମ୍ ଦେଖାଇଛନ୍ତି ଓଡ଼ିଆ ଖେଳାଳି ଅମିତ ରୋହିଦାସ। ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇ ଉପଅଧିନାୟକ ଦାୟିତ୍ୱକୁ ସେ ସଫଳତାର ସହ ତୁଲାଇଛନ୍ତି। ପ୍ରତିଯୋଗିତାର ଅନ୍ୟତମ ଟାଇଟଲ ଦାବିଦାର ସ୍ପେନ୍‌କୁ ୨-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଛି ଭାରତ।

### ଭାରତର ୨୦୦ତମ ଗୋଲ୍

ସ୍ପେନ୍ ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଭାରତ ସ୍ୱତନ୍ତ୍ର ରଣନୀତି ନେଇ ମ୍ୟାଚ ଖେଳିଥିଲା। ଦଳକୁ ମିଳିଥିଲା ଭରପୂର ଦର୍ଶକ ସମର୍ଥନ। ଏଥିରେ ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ ଦୁଇ ଓଡ଼ିଆ ଖେଳାଳି ଅମିତ ଓ ନିଲମ ସଞ୍ଜୀପ ଖେସ୍। ଏହାର ପ୍ରତିଫଳନ ଘଟିଥିଲା ୧୩ତମ ମିନିଟରେ। ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ ଅମିତ। ସଂଯୋଗବଶତଃ ଏହାଥିଲା ବିଶ୍ୱକପ୍‌ରେ ଭାରତର ୨୦୦ତମ ଗୋଲ। ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସ୍ପେନ୍ ଗୋଲ ପରିଶୋଧ ପାଇଁ ଉଦ୍ୟମ କରି ବିଫଳ ହୋଇଥିବାବେଳେ ୨୭ତମ ମିନିଟରେ ହାର୍ଦ୍ଦିକ ସିଂ ପେନାଲ୍ଟି କର୍ନରରୁ ଆଉ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ☞ପୃଷ୍ଠା-୪

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ଜଙ୍ଗଲରୁ ମହିଳା କ୍ରିକେଟରଙ୍କ ଝୁଲନ୍ତା ମୃତଦେହ ଜବତ

### ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଲେ

- ସ୍କୁଟି, ଡାଇରି ମଧ୍ୟ ଜବତ
- ବେକରେ ଧଳା କପଡ଼ା ବନ୍ଧା ଅବସ୍ଥାରେ ଗଛରେ ଝୁଲୁଥିଲେ
- ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ୍



ରାଜଶ୍ରୀ ସ୍ୱାଇଁ

**କଟକ ଅଫିସ/ଖୁଣ୍ଟୁଣୀ (ଡି.ଏନ.ଏ.),୧୩ା୧**

ଦୁଇ ଦିନ ହେବ ନିଖୋଜ ଥିବା ସିନିୟର ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁ(୨୬)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ପୋଲିସ ଜବତ କରିଛି। ମୃତଦେହ ଝୁଲୁଥିବା ସ୍ଥାନଠାରୁ କିଛି ଦୂରରେ ରାଜଶ୍ରୀ ବ୍ୟବହାର କରୁଥିବା ଏକ ସ୍କୁଟି ଓ ସ୍କୁଟି ଡିକିରୁ ଡାଇରି ମିଳିଛି। ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ମଙ୍ଗଳାବାଗ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଗୁରୁଡ଼ିଝାଟିଆ ପୋଲିସ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତାଙ୍କ ମୁଣ୍ଡ ଓ ମୁହଁରେ କ୍ଷତଚିହ୍ନ ରହିଛି। ତାଙ୍କ ବାମ ଗୋଡ ଚପଲ ଗଛରେ ଲାଗିଥିବାବେଳେ ଡାହାଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଓଏନ୍‌ଜିସିରେ ପରିବର୍ତ୍ତନ

**ଆଜିର ମନ୍ତବ୍ୟ**

"ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ସୀମାପାର ଆତଙ୍କବାଦକୁ ବ୍ୟବହାର କରୁଥିବା ଦେଶଗୁଡ଼ିକୁ ଉତ୍ତରଦାୟୀ କରାଯିବା ଜରୁରୀ।
-ରୁଚିକା କାମ୍ବୋଜ, ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି









**କୂଅରେ ପଡ଼ି ଯୁବତୀଙ୍କ ମୃତ୍ୟୁ**

**ବ୍ରଜରାଜନଗର,(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ନୂଆପଡାରେ କୂଅରେ ପଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିମଳ ସିଂହ (୩୪)। ବିମଳଙ୍କ ବାପା ଭୂଷଣ ସିଂହଙ୍କ କହିବା ଅନୁଯାୟୀ ତାଙ୍କ ଝିଅ ମାନସିକ ବିକାରଗ୍ରସ୍ତ ଥିବାବେଳେ ଦୁଇବର୍ଷ ହେବ ଚିକିତ୍ସା ଚାଲିଥିଲା। ଗୁରୁବାର ରାତ୍ରିରେ ସମସ୍ତେ ଶୋଇଥିବାବେଳେ ସେ କେଉଁଆଡେ ଚାଲିଯାଇଥିଲେ। ସକାଳୁ ଖୋଜାଖୋଜି ପରେ କୂଅରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜିଠୁ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**ଭବାନୀପାଟଣା,୧୩।୧(ସ୍ୱ.ପ୍ର.)**



ଶାନ୍ତି ମୈତ୍ରୀ ଓ ସଂସ୍କୃତିର ତୀର୍ଥଭୂମି କଳାହାଣ୍ଡିରେ ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଭବାନୀପାଟଣାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା। କଳାହାଣ୍ଡି ଲୋକକଳା, ଲୋକ ସଂସ୍କୃତିର ଉତ୍କୃଷ୍ଟ ଜିଲା ରୂପରେ ବେସ ପରିଚିତ। ଚଳିତବର୍ଷ କଳାହାଣ୍ଡି ଉତ୍ସବ ୨୫ ବର୍ଷରେ ପଦାର୍ପଣ କରିଛି। ପଞ୍ଚାୟତସ୍ତରରୁ ଆରମ୍ଭ କରି ବ୍ଲକସ୍ତରୀୟ ଉତ୍ସବ ସରିବା ପରେ ଏବେ ଜିଲାସ୍ତରୀୟ ଉତ୍ସବକୁ ନେଇ କଳାକାର ମାନଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି। ପ୍ରସ୍ତୁତି ମଧ୍ୟ ଦିନରାତି ଏକ କରି ଜୋରଦାର କରିଛି ଜିଲା ପ୍ରଶାସନ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩ ନେଇ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାରେ ଜିଲାସ୍ତରୀୟ ଓ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ଠାରେ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ।

ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ ଏବର୍ଷ ପ୍ରାୟ ୧୫୦ଟି ସାଂସ୍କୃତିକ ଦଳ ଭାଗ ନେବେ। ୪ ଦିନ ଧରି ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରତିଦିନ ୪୦ଟି ସାଂସ୍କୃତିକ ଦଳ ଭାଗ ନେଇ କଳାହାଣ୍ଡି ଉତ୍ସବ ଘୁମୁରାରେ ମଞ୍ଚ ଦୁଲୁକାଇବେ। ଜିଲା, ରାଜ୍ୟ ତଥା ଜାତୀୟସ୍ତରର ୬ଟି ସାଂସ୍କୃତିକ ଦଳ ସ୍ଥାନିତ କରାଯାଇଛି। ଯେଉଁଥିରେ ମହାରାଷ୍ଟ୍ର, ରାଜସ୍ଥାନ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଆସାମ ଓ ତେଲଙ୍ଗାନାର କଳାକାରମାନେ ନିଜର କଳା ପ୍ରଦର୍ଶିତ କରିବେ। ଏହି ଉପଲକ୍ଷେ ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପ୍ରାୟ ୩୫୫ଟି ଷ୍ଟଲ କରାଯାଇଛି। ୨ବର୍ଷ କରୋନା ପାଇଁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇଥିବାରୁ ଚଳିତବର୍ଷ ହଜାର ହଜାର ଲୋକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ମଧ୍ୟ ଅଧିକ ଗୁରୁତ୍ୱ ଦେଇଛି। ଭିଡ ଓ ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପ୍ରାୟ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି।

### ୨ ବର୍ଷ ପରେ ଦୁଲୁକିବ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ

# ବାପାଙ୍କୁ ପିଟି ହତ୍ୟା, ପୁଅ ଗିରଫ

**ବଡ଼ଗାଁ, ୧୩।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆମାଲ ଗ୍ରାମରେ ବାପାଙ୍କୁ ପିଟି ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ବେଦ ସେଲମା (୩୫)ଙ୍କୁ ଶୁକ୍ରବାର ଗିରଫ କରିଛି। ଗତ ୧୦ ତାରିଖ ମଧ୍ୟାହ୍ନରେ ବେଦଙ୍କ ମା' ଛେଳି ଚରାଇବାକୁ ଯାଇଥିଲେ। ଘରେ ତାଙ୍କ ବାପା ଏକୁଟିଆ ଥିଲେ। ବେଦ ତାଙ୍କ ବାପା କୁମର ସେଲମାଙ୍କୁ ପାରିବାରିକ କଳହକୁ ନେଇ ଲାଠିରେ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ବେଦ ଫେରାର୍ ଥିଲେ। ଘଟଣା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଯୋଜନା କରିଥିଲେ। ଯୋଜନା ମୁତାବକ ପୋଲିସ ପାମରା ଗାଁ ନିକଟ ଫଲସା ଜଙ୍ଗଲରେ ଚଢାଉ କରି ସେଠାରେ ଲୁଚିଥିବା ବେଦଙ୍କୁ ଗିରଫ କରିଛି। ଅଭିଯୁକ୍ତ ବେଦ ପାରିବାରିକ କଳହ ଯୋଗୁ ବାପାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛି। ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ଘରକୁ ଫେରିଲେ ନିଖୋଜ ଦାଦନ ଶ୍ରମିକ

**ନୂଆପଡ଼ା ଅଫିସ,୧୩।୧**

ନୂଆପଡା ଜିଲା ବୋଡେନ ଥାନା ନାଗପଡା ପଞ୍ଚାୟତ ମାକରବିର୍ଲି ଗାଁର ଜଣେ ଯୁବକ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିବା ବେଳେ ବାଲେଶ୍ୱର ଜିଲା ଜଳେଶ୍ୱରରୁ ଉଦ୍ଧାର କଲା ସାହାର୍ଯ୍ୟ ସେନା। ନିଖୋଜ ଦାଦନ ଶ୍ରମିକ ହେଲେ ଭଜନଲାଲ ବାଗ (୩୫)। ପେଟପାଟଣା ପାଇଁ ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଇଥିଲେ। ବଲାଙ୍ଗୀର ଜିଲା ଲଠୋର ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଭଜନଲାଲଙ୍କୁ କାମ କରାଇବା ପାଇଁ ଆନ୍ଧ୍ରପ୍ରଦେଶ ପାରେଲସ୍ଥିତ ଏକ ଇଟାଭାଟିକୁ ନେଇଥିଲେ। ସେଠାରେ ଦେହ ଅସୁସ୍ଥତା ହେବାରୁ ସେ କାମ କରି ପାରିଲା ନାହିଁ। ଅଗ୍ରୀମ ଟଙ୍କା ଫେରାଇବା ପରେ ଛାଡ଼ାଯିବ ବୋଲି ଇଟାଭାଟି ମାଲିକ କହିଥିଲେ। ଗାଁରୁ ଜଣେ ବ୍ୟକ୍ତି ଟଙ୍କା ନେଇ ଇଟାଭାଟି ମାଲିକଙ୍କୁ ଟଙ୍କା ଦେଇ ଭଜନଲାଲଙ୍କୁ ସାଙ୍ଗରେ ଧରି ଆଣୁଥିବା ବେଳେ ଗତ ୫ ତାରିଖରେ ଆରଙ୍ଗଲ ଷ୍ଟେଷ୍ଟଶନରୁ ବିଶାଖାପାଟଣାକୁ ଆସିଥିଲେ। ସେଠାରୁ ଅନ୍ୟ ଏକ ଟ୍ରେନରେ କଣ୍ଟାବଞ୍ଜି ଷ୍ଟେଶନ ଆସିବା ପାଇଁ ଓହ୍ଲାଇ ଥିବା ବେଳେ ଭଜନଲାଲ ଭୁଲରେ ଅନ୍ୟ ଏକ ଟ୍ରେନରେ ଚଢିଯାଇଥିଲେ। ଭଜନଲାଲ ମାନସିକ ଭାବେ ସୁସ୍ଥ ନ ଥିବା ବେଳେ ଜଲେଶ୍ୱର ଷ୍ଟେଶନରେ ଏଣେତେଣେ ବୁଲୁଥିଲେ। କିଛି ଯୁବକ ଭଜନଙ୍କ ଆଧାରକାର୍ଡ ଦେଖି ନୂଆପଡା ଜିଲା ବୋଡେନ ଥାନା ଅଞ୍ଚଳର ବୋଲି ଜାଣିପାରିଥିଲେ। ସାମାଜିକ ଗଣ ମାଧ୍ୟମରେ ସାହାଯ୍ୟ ସେନା ସଭାପତି ବେଣୁଧର ଜଗତଙ୍କ ସହିତ ଜଲେଶ୍ୱରର ଯୁବକମାନେ ଗତ ୧୦ ତାରିଖରେ ଯୋଗାଯୋଗ କରିଥିଲେ। ବେଣୁଧର ବାଲେଶ୍ୱର ଶ୍ରମ ଅଧିକାରୀଙ୍କ ସହିତ କଥାବାର୍ତ୍ତା କରିବାରୁ ଗୁରୁବାର ଭଜନଲାଲଙ୍କୁ ବରଗଡ ପର୍ଯ୍ୟନ୍ତ ଆଣି ଦେଇଥିଲେ। ବରଗଡଠାରୁ ସାହାଯ୍ୟ ସେନା ସଭାପତି ଜଗତ ଭୋଜନଙ୍କୁ ନୂଆପଡା ଆଣିଛନ୍ତି। ନୂଆପଡା ବସଷ୍ଟାଣ୍ଡରେ ଶ୍ରମ ନିରୀକ୍ଷକ ଜୟନ୍ତ ପଣ୍ଡା ପହଞ୍ଚି ଭଜନଲାଲଙ୍କଠାରୁ ସବୁ ତଥ୍ୟ ନେଇ ଦାଦନ ସର୍ଦ୍ଦାର ଉପରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ନିଜର ଭିଟାମାଟିକୁ ଫେରି ଭଜନଲାଲ ଖୁସିଥିବା ବେଳେ ସାହାର୍ଯ୍ୟସେନା ସଭାପତିଙ୍କ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ତପନ



@ ଅଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଧାକୃଷ୍ଣ ମନ୍ଦିରରୁ ଚୋରି

**ବରଗଡ଼ ଅଫିସ୍,୧୩।୧**

ବରଗଡ଼ ସହର ପୁରୁଣା ସଦର ଥାନା ନିକଟ ରାଧାକୃଷ୍ଣ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ମହପ୍ରଭୁଙ୍କ ସୁନା ରୁପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ସହର ମଧ୍ୟରେ ରହିଥିବା ମନ୍ଦିରରୁ ଏଭଳି ଚୋରି ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂକୁ ପଦାରେ ପକାଇ ଦେଇଛି। ଏ ନେଇ ଏତଲା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

# ଫ୍ଲାଏଓଭରରୁ ଖସିପଡ଼ି ଛାତ୍ର ଗୁରୁତର

**ସମ୍ବଲପୁର,୧୩।୧(ବ୍ୟୁରୋ)**

ସମ୍ବଲପୁର ଫ୍ଲାଏଓଭରରୁ ଖସିପଡି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଫ୍ଲିଫୋର୍ଡ କୁଜୁର (୧୪)। ଫ୍ଲିଫୋର୍ଡ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରେ ପଢନ୍ତି। ଶୁକ୍ରବାର ସେ ପରୀକ୍ଷା ଦେଇ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ପ୍ରାୟ ୪୦ ଫୁଟ ଉଚ୍ଚ ବ୍ରିଜ ଉପରୁ ତଳକୁ ଖସିପଡିଥିଲେ। ସ୍ଥାନୀୟ ଲୋକେ ପ୍ରଥମେ ତାଙ୍କୁ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ପୋଲିସ ତଦନ୍ତ ଆରମ୍ଭ କରିଛି।

# ବାଇକ୍ ଚୋରି, ଥାନାରେ ଅଭିଯୋଗ

**ରାଉରକେଲା ଅଫିସ,୧୩।୧**

ରାଉଲକେଲା ସରକାରୀ ଚକ୍ଷୁ ଡାକ୍ତରଖାନା ପରିସରରୁ ବାଇକ୍ ଚୋରି ହୋଇଥିବା ନେଇ ଶୁକ୍ରବାର ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ରଘୁନାଥପାଲି ଥାନା ଅଧୀନ ଧୀରପାଣି ଗ୍ରାମର ଗୋପାଳ ଚନ୍ଦ୍ର ସିଗା ତାଙ୍କ ସମ୍ପର୍କୀୟ ରୋଗୀଙ୍କୁ ଦେଖିବାକୁ ଗୁରୁବାର ରାତିରେ ରାଉଲକେଲା ସରକାରୀ ଚକ୍ଷୁ ଡାକ୍ତରଖାନା ଆସିଥିଲେ। ସେ ତାଙ୍କ ବାଇକ୍ (ନଂ.ଓଆର୍ ୧୪ଏକ୍ସ/୨୦୬୮)କୁ ଡାକ୍ତରଖାନା ପରିସରରେ ରଖି ସମ୍ପର୍କୀୟଙ୍କୁ ଦେଖିବାକୁ ଯାଇଥିବା ବେଳେ ତାଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ଗୋପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।































# ଜାରିଆ ଜଙ୍ଗଲରୁ ମିଳିଲା ଖପୁରି, କଙ୍କାଳ

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

■ ନିଖୋଜ ନନ୍ଦ ବେହେରା ବୋଲି ଚିହ୍ନଟ କଲେ ପୁତୁରା
■ ପୂର୍ବରୁ ଅଜଗର ଗିଳିଥିବା ନେଇ ଚର୍ଚ୍ଚା ହୋଇଥିଲା



ଗତବର୍ଷ ଅଗଷ୍ଟରେ ଡମପଡ଼ା ଅଭୟାରଣ୍ୟରେ ନିଖୋଜ ବୃଦ୍ଧ ନନ୍ଦ ବେହେରାଙ୍କୁ ଅଜଗର ଗିଳିଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଏଯାଏ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଶୁକ୍ରବାର ଅଭୟାରଣ୍ୟ ଅନ୍ତର୍ଗତ ଜାରିଆ ଜଙ୍ଗଲରୁ ଏକ ଖପୁରି, କଙ୍କାଳ ଉଦ୍ଧାର ହୋଇଛି। କଙ୍କାଳ ସହିତ ମାଟିରେ ପୋତି ହୋଇଥିବା ଏକ ଧଳା ରଙ୍ଗର ଶାର୍ଟ ଦେଖି ତାହା ନନ୍ଦ ବେହେରାଙ୍କର ବୋଲି ପୁତୁରା ରାମଚନ୍ଦ୍ର ବେହେରା ଚିହ୍ନଟ କରିଛନ୍ତି। ତେବେ ଅଧିକ ପ୍ରମାଣ ପାଇଁ ବାଙ୍କୀ ଥାନା ପୋଲିସ ଜବତ କରିଥିବା କଙ୍କାଳକୁ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ କଟକ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯାଇଛି ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ହାଡ଼ଗୁଡ଼ିକର ଡିଏନ୍‌ଏ ପରୀକ୍ଷା ମଧ୍ୟ କରାଯିବ ବୋଲି ମାଜିଷ୍ଟ୍ରେଟ ଡ୍ୟୁଟିରେ ଯାଇଥିବା ଡମପଡ଼ା ତହସିଲଦାର କ୍ଷୀତିଶ ବେହେରା ପ୍ରକାଶ କରିଛନ୍ତି। ଗୁରୁବାର ଡମପଡ଼ା ଅଭୟାରଣ୍ୟରେ ବନ ବିଭାଗର ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଏକ ମଣିଷ ଖପୁରି ସହିତ କଙ୍କାଳ ଦେଖିବାକୁ ପାଇଥିଲା। ବନ କର୍ମଚାରୀମାନେ ଡମପଡ଼ା ରେଞ୍ଜର ବିରାଜ ଦାସଙ୍କ ସହିତ ସ୍ଥାନୀୟ ପୋଲିସ ଫାଣ୍ଡିରେ ଖବର ଦେଇଥିଲେ। ଶୁକ୍ରବାର ବାଙ୍କୀ ଥାନା ଅଧିକାରୀ, ଡମପଡ଼ା ତହସିଲଦାର ଏବଂ ସାଇଣ୍ଟିଫିକ ଟିମ୍ କଙ୍କାଳ ପଡ଼ିଥିବା ସ୍ଥାନକୁ ଯାଇଥିଲେ। ଘଟଣାସ୍ଥଳରୁ ସମସ୍ତ ହାଡ଼ ଓ ଖପୁରିକୁ ଜବତ କରିବା ସହିତ ଅନ୍ୟାନ୍ୟ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟରେ ନନ୍ଦ ବେହେରାଙ୍କ ଗାଡ଼ି ଜଙ୍ଗଲରୁ ମିଳିଥିଲା। ସେବେଠାରୁ ସେ ନିଖୋଜ ଅଛନ୍ତି। କିଛିଦିନ ବନ ବିଭାଗ ଓ ପୋଲିସ ନନ୍ଦଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ନନ୍ଦଙ୍କୁ ଅଜଗର ସାପ ଗିଳିଦେଇଥିବା ଚର୍ଚ୍ଚା ହୋଇଥିଲା। ତେବେ ସ୍ନେକ ହେଲ୍ପ ଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଅଜଗର ମଣିଷକୁ ଗିଳିବା ଘଟଣାକୁ ଏକ ଗୁଜବ ବୋଲି କହିଥିଲେ।

## ମାଞ୍ଜା ସୂତାରେ ଗୁଡ଼ି ଉଡ଼ାନ୍ତୁ ନାହିଁ: ଓଡ଼ିଶା ପୋଲିସ

ଭୁବନେଶ୍ୱର, ୧୩।୧ (ବ୍ୟୁରୋ): ଶନିବାର ମକର ସଂକ୍ରାନ୍ତି ପଡୁଥିବାରୁ ଏହି ଅବସରରେ ଗୁଡ଼ି ଉଡ଼ାଇବା ପରମ୍ପରା ରହିଛି। ପ୍ରତିବର୍ଷ ମାଞ୍ଜା ସୂତା ଲାଗି ବହୁ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ତେଣୁ ମାଞ୍ଜା ସୂତାରେ ଗୁଡ଼ି ଉଡ଼ା ଉପରେ କଟକଣା ରହିଛି। ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଇବା ଆଇନତଃ ଦଣ୍ଡନୀୟ ବୋଲି ଓଡ଼ିଶା ପୋଲିସ ଶୁକ୍ରବାର ଟୁଇଟ୍ ଜରିଆରେ ସଚେତନ କରିଛି। ଏଥିସହ ଗୁଡ଼ି ଉଡ଼ାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ଏବଂ ବିପଦଜନକ ମାଞ୍ଜା ସୂତା ବ୍ୟବହାର ନ କରି ସାଧାରଣ ସୂତାରେ ଗୁଡ଼ି ଉଡ଼ାଇବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

# ୯ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

## ସତର୍କ କଲା ପାଣିପାଗ ବିଭାଗ

ରାଜ୍ୟରେ ଶୀତ ଆହୁରି କମିବ ଓ ତାପମାତ୍ରା ଆହୁରି ବଢ଼ିବ। ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇଥିବାରୁ ଆଗାମୀ ୩ ଦିନ ରାଜ୍ୟର ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଅନେକ ଜିଲାରେ ଘନକୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳ, ଅନୁଗୋଳ, କଟକ, କେନ୍ଦୁଝର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଉପକୂଳ ଜିଲା ଏବଂ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଏବଂ କନ୍ଧମାଳ ଜିଲାରେ ହାଲୁକା କୁହୁଡ଼ି ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୧୭ ତାରିଖରେ ପାଗ ବଦଳିବ। ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଉତ୍ତର ଦିଗରୁ ଥଣ୍ଡା ଶୁଷ୍କବାୟୁ ପ୍ରବାହ ହ୍ରାସ ପାଇବା ପରେ ରାଜ୍ୟକୁ ଆରବ ସାଗରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଫଳରେ ରାତ୍ରିର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଗୁରୁଚାପ ବଳୟ ଯୋଗୁ ବିଭିନ୍ନ ସ୍ଥାନରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି।

## ଫେବୃୟାରୀ ୩ରେ ହିନ୍ଦୀରେ ରିଲିଜ ହେବ ଦମନ

### ଟ୍ରେଲର ରିଲିଜ, ଶୁଭେଚ୍ଛା ଜଣାଇଲେ ବଲିଉଡ୍ ଷ୍ଟାର୍

ଭୁବନେଶ୍ୱର, ୧୩।୧ (ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର 'ଦମନ'ର ହିନ୍ଦୀ ଟ୍ରେଲର ଶୁକ୍ରବାର ରିଲିଜ ହୋଇଛି। ମାତ୍ର କିଛି ଘଣ୍ଟା ମଧ୍ୟରେ ଏହାକୁ ୭.୭ ଲକ୍ଷ ଲୋକ ଦେଖିଛନ୍ତି। ଫେବୃୟାରୀ ୩ରେ ହିନ୍ଦୀରେ ଏହି ଫିଲ୍ମର ଶୁଭମୁକ୍ତି ହେବା ନେଇ ପାନୋରମା ଷ୍ଟୁଡିଓ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଦମନକୁ ନେଇ ଅନେକ ପୋଷ୍ଟ ଦେଖିବାକୁ ମିଳିଛି। ବଲିଉଡ ଅଭିନେତା ଅଜୟ୍ ଦେବଗନ୍ ଓ ବିଦ୍ୟୁତ୍ ଜମୱାଲ୍ ଟୁଇଟ୍‌ରେ ଏହି ଭିଡିଓକୁ ଶେୟାର କରି ଶୁଭେଚ୍ଛା ଜଣାଇଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନେତା ବାବୁଶାନ୍ ମହାନ୍ତି ଓ ଦ୍ୱୀପାନ୍ୱିତ ଦାଶମହାପାତ୍ରଙ୍କୁ ସାରା ଦେଶ ଦେଖିବ। ଡବିଂରେ ବାବୁଶାନଙ୍କ ସ୍ୱରକୁ ଭଏସ୍ ଆର୍ଟିଷ୍ଟ ସଙ୍କେତ ଓ ଦ୍ୱୀପାନ୍ୱିତଙ୍କ ସ୍ୱରକୁ ଚନ୍ଦନ ରୟ୍ ଦେଇଛନ୍ତି। ଚଳଚ୍ଚିତ୍ରର ଗୀତକୁ ପ୍ରସିଦ୍ଧ ଗାୟକ ଜାଭେଦ ଅଲ୍ଲି, ଅଭୟ୍ ଯୋଧପୁରକର ଓ ଦିବ୍ୟ କୁମାର ଗାଇଛନ୍ତି। ନିର୍ଦ୍ଦେଶନା ବିଶାଲ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା ଦେଇଥିବାବେଳେ ପ୍ରଯୋଜନାରେ ଅଛନ୍ତି କୁମାର ମଙ୍ଗତ ପାଠକ, ଅଭିଷେକ ପାଠକ ଓ ଦୀପେନ୍ଦ୍ର ସାମଲ।

## ଡାକ୍ତରଙ୍କୁ ବର୍ଷେ ଜେଲ ଦଣ୍ଡ

### ବେଆଇନ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ ମାମଲା

ଝାରସୁଗୁଡ଼ା ଅଫିସ, ୧୩।୧: ବେଆଇନ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ ମାମଲାର ବିଚାରକରି ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟ ସମ୍ପୃକ୍ତ ଡାକ୍ତର ସତ୍ୟବ୍ରତ ପଟେଲଙ୍କୁ ୧ବର୍ଷ ଜେଲ ଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ରାଶି ଅନାଦେୟ ହେଲେ ଅଧିକ ୧ମାସ ଦଣ୍ଡାଦେଶ ରହିଛି। ଏହା ସହିତ ଜବତ ଅଲ୍‌ଟ୍ରାସାଉଣ୍ଡ ମେଶିନ ଡିଲର ଦେବାଶିଷ ଛତ୍ରିଆ ଓରଫ ଚାଟାର୍ଜୀଙ୍କୁ କୋର୍ଟ ୫ଶହ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଏସ୍‌ଡିଜେଏମ୍ କୋର୍ଟ ବିଚାରପତି ସବ୍ୟସାଚୀ ବେହେରା ଏହି ମାମଲାର ବିଚାରକରି ରାୟ ପ୍ରକାଶ କରିଛନ୍ତି। ସରକାରୀ ଓକିଲ ଏପିପି ମୋନାଲିସା ମିଞ୍ଜ, ଡାକ୍ତରଙ୍କ ତରଫରୁ ଓକିଲ ବି.ଏନ୍. ଦତ୍ତ ଓ ମେଶିନ ଡିଲରଙ୍କ ତରଫରୁ ଓକିଲ ଅଶୋକ ମହାନ୍ତି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଅଭିଯୁକ୍ତ ଡାକ୍ତର ପଟେଲ ଝାରସୁଗୁଡ଼ା ବେହେରାମାଲରେ ଏକ କ୍ଲିନିକ୍ କରିଥିଲେ। ଏଠାରେ ସେ ବିନା ପଞ୍ଜୀକରଣରେ ଏକ ଅଲ୍‌ଟ୍ରାସାଉଣ୍ଡ ମେଶିନ ରଖି କାର୍ଯ୍ୟ କରୁଥିଲେ। ଏ ସମ୍ପର୍କରେ ଜିଲାପାଳ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ପୂର୍ବତନ ଏଡିଏମ୍‌ଓ ଡା. ହୃଷୀକେଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ୨୦୧୨ ଅଗଷ୍ଟ ୨୨ରେ ଚଢାଉ କରି ମେଶିନ ଜବତ କରିଥିଲେ। ଏଡିଏମ୍‌ଓ ଡା. ନାୟକଙ୍କ ଅଭିଯୋଗକୁ ଭିତ୍ତିକରି କେସ ନଂ୨(ସି)ସିସି ନଂ.୧୬୩୦ରେ ୨୦୧୨, ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ୧୯୯୪ (ସେକ୍ସ ସିଲେକ୍ସନ) ମାମଲା ରୁଜୁ ହୋଇଥିଲା।

# ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ପଦକ୍ଷେପ ନେଉନି ପ୍ରଶାସନ

ପୁରୀ ଅଫିସ, ୧୩।୧

■ ଭଙ୍ଗା ରତ୍ନପଲଙ୍କରେ ଶ୍ରୀବିଗ୍ରହଙ୍କ ଶୟନ ପ୍ରସଙ୍ଗ
■ ମରାମତି ଲାଗି ପଦକ୍ଷେପ ନିଆଯିବ: ଜିଲାପାଳ



ଭଙ୍ଗା ରତ୍ନପଲଙ୍କରେ ମହାପ୍ରଭୁଙ୍କ ଶୟନ ନୀତି ହେଉଛି। ରତ୍ନପଲଙ୍କ ଦୁର୍ବଳ ହୋଇ ପଡ଼ିଥିବାବେଳେ ଏହାର ଗୋଡ଼ ଦୋହଲୁଛି। ରୁପା କାରୁକାର୍ଯ୍ୟ ନଷ୍ଟ ହେବାକୁ ବସିଲାଣି। ବାରମ୍ବାର ଦାବି ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉନାହିଁ ବୋଲି ସେବାୟତ ମହଲରେ ଅଭିଯୋଗ ହେଉଛି। ସେହିପରି ଏ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣା ଚର୍ଚ୍ଚାକୁ ଆସିବା ପରେ ଶୁକ୍ରବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଭିତରକାଠ ଡାହାଣ ପାର୍ଶ୍ୱ ଭଣ୍ଡାର ଘର ସମ୍ମୁଖରେ ରହିଛି ଶ୍ରୀଜୀଉଙ୍କ ଶୟନ କକ୍ଷ। ଏଠାରେ ପଡ଼ିଛି ରତ୍ନପଲଙ୍କ। ସଜେଇ ହୋଇଛି ଶେଯ ଓ ମାଣ୍ଡି। ଏହାରି ଉପରେ ତିନିଠାକୁରଙ୍କ ଶୟନ ନୀତି ହୋଇଥାଏ। ଖଟଶେଯ ସେବାୟତଙ୍କ ଉପରେ ଏହି ରତ୍ନପଲଙ୍କ ତଦାରଖ ଦାୟିତ୍ୱ ନ୍ୟସ୍ତ। ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାରରେ ରୁପା ଆଚ୍ଛାଦିତ ହେଉଥିବାବେଳେ ରତ୍ନପଲଙ୍କ ମରାମତି କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏହାର ମରାମତି ସହ ନୂଆ ଶେଯ, ମାଣ୍ଡି ପ୍ରସ୍ତୁତ କରିବା ପାଇଁ ସେବାୟତ ଓ ପରିଚାଳନା କମିଟି ସଦସ୍ୟ ଦାବି କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟିର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ପୂଜାପଣ୍ଡା ସେବକଙ୍କ କହିବା ଅନୁଯାୟୀ, ମହାପ୍ରଭୁଙ୍କ ରତ୍ନପଲଙ୍କର ଗୋଟିଏ ଗୋଡ଼ ହଲୁଛି। ତାହାର ମରାମତି ଆବଶ୍ୟକ। ମହାପ୍ରଭୁଙ୍କ କାର୍ଯ୍ୟରେ ବିଘ୍ନ ହେଲେ ସମସ୍ତେ ଦୁଃଖିତ ହେବା ସ୍ୱାଭାବିକ। ତେଣୁ ପ୍ରଶାସନ ଯଥାଶୀଘ୍ର ଏଥିପ୍ରତି ଧ୍ୟାନ ଦେବା ଉଚିତ। ଶ୍ରୀମନ୍ଦିରର ବରିଷ୍ଠ ସେବକ ସୋମନାଥ ଖୁଣ୍ଟିଆ କହିଛନ୍ତି, ମହାପ୍ରଭୁଙ୍କ ଶୟନ ପଲଙ୍କ ଆଜି ନୁହେଁ, ଦୀର୍ଘଦିନ ହେଲା ନଷ୍ଟ ହୋଇପଡ଼ିଥିବା ଶୁଣିବାକୁ ମିଳୁଛି। ପଲଙ୍କ ଦାୟିତ୍ୱରେ ଥିବା ସେବାୟତମାନେ ଶ୍ରୀମନ୍ଦିର ପ୍ରଶାସନକୁ ଏ ନେଇ ଜଣାଇବା ସହ ରିପୋର୍ଟ କରିଛନ୍ତି। ମାତ୍ର ପଦକ୍ଷେପ ନିଆଯାଇନାହିଁ। ପରିଚାଳନା କମିଟିରେ ସଦସ୍ୟ ଥିବା ସେବାୟତମାନେ କମିଟି ବୈଠକରେ ଏହି ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ଜଗନ୍ନାଥ କର କହିଛନ୍ତି, ରତ୍ନପଲଙ୍କ କୌଣସି ଛୋଟିଆ ଜିନିଷ ନୁହେଁ ଯେ ପ୍ରଶାସନ ଚାହିଁଲେ ତୁରନ୍ତ ତିଆରି କରିଦେବ। ପଲଙ୍କରେ ବହୁତ କାରୁକାର୍ଯ୍ୟ ରହିଛି। ରତ୍ନପଲଙ୍କର ଗୋଡ଼ ହଲୁଛି। ମାତ୍ର ତା'ର ମରାମତି ହୋଇଥିଲା। ପରେ ପୁଣି ମରାମତି ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଆଗକୁ ମଧ୍ୟ ପ୍ରସ୍ତାବ ଦିଆଯିବ। ଅତୀତରେ ପଲଙ୍କ ଗୋଡ଼ ବହୁ ମାତ୍ରରେ ହଲୁଥିଲା, ଯାହାର ମରାମତି କରାଯାଇଥିଲା। ଏବେ ସେତେ ଯୋରରେ ହଲୁନାହିଁ। ତଥାପି ମରାମତି ଲାଗି ପ୍ରସ୍ତାବ ଦିଆଯିବ। ଯାହା ସମସ୍ୟା ଦେଖାଦେଉଛି ତା'ର ସମାଧାନ ଲାଗି ପ୍ରଶାସନ ଚେଷ୍ଟା କରୁଛି।




ତାଲିମ୍ ପାଇଁ ସିଙ୍ଗାପୁର ଯାତ୍ରା ପୂର୍ବରୁ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟ ଅଧିକାରୀଙ୍କ ସହ ବିଦ୍ୟାର୍ଥୀମାନେ।

# ତାଲିମ ପାଇଁ ସିଙ୍ଗାପୁର ଗଲେ ୨୪ ବିଦ୍ୟାର୍ଥୀ

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

## ବିଶ୍ୱ ଦକ୍ଷତା କେନ୍ଦ୍ରର ସଫଳତା

ଓଡ଼ିଶାରେ ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ୨୪ଜଣ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କୁ ଶିକ୍ଷାନବିସ ତାଲିମ୍ ପାଇଁ ସିଙ୍ଗାପୁର ପଠାଯାଇଛି। ଶୁକ୍ରବାର ସେମାନେ ସିଙ୍ଗାପୁର ଯାତ୍ରା କରିଛନ୍ତି। ଯାତ୍ରା ପୂର୍ବରୁ ଶିକ୍ଷାର୍ଥୀଙ୍କୁ ମଧ୍ୟ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଗୋଟିଏ ସପ୍ତାହ ବ୍ୟାପୀ ଶିକ୍ଷଣ ପ୍ରଦାନ କରାଯାଇଛି। ୬ମାସ ରହଣି ମଧ୍ୟରେ ଶିକ୍ଷାନବିସମାନେ ସିଙ୍ଗାପୁରର ବୈଷୟିକ ଶିକ୍ଷା ସେବା ପ୍ରତିଷ୍ଠାନ (ଆଇଟିଇଏସ୍)ରେ ରହି ବିଭିନ୍ନ ଖ୍ୟାତିସମ୍ପନ୍ନ କମ୍ପାନୀଗୁଡ଼ିକରେ ତାଲିମ୍ ନେବେ। ସେମାନଙ୍କୁ ମାସିକ ୮୦୦ ସିଙ୍ଗାପୁର ଡଲାର ଷ୍ଟାଇପେଣ୍ଡ୍ ଭାବରେ ଦିଆଯିବ। ତାଲିମ୍ ଶେଷ ହେବା ପରେ ସେମାନେ ପ୍ରଦର୍ଶନ ଭିତ୍ତିରେ ସିଙ୍ଗାପୁରରେ ଥିବା ବିଭିନ୍ନ ଅନ୍ତର୍ଜାତୀୟ କମ୍ପାନୀରେ ନିୟୋଜିତ ହେବେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଳକା ମିଶ୍ର, କେନ୍ଦ୍ରର ଅଧ୍ୟକ୍ଷ ସଂଗରଣ ଗୋପାଳଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ସ୍ନାତକମାନଙ୍କୁ ସିଙ୍ଗାପୁରରେ କାର୍ଯ୍ୟ କରିବା ଜରିଆରେ ବିଶ୍ୱସ୍ତରୀୟ ପରିଚିତି ଦେବା ଏହି ତାଲିମ୍ କାର୍ଯ୍ୟକ୍ରମର ପ୍ରମୁଖ ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ 'ଓଡ଼ିଶାରେ ଦକ୍ଷ ବିଶ୍ୱସ୍ତରୀୟ ହେବେ' ଉପକ୍ରମରେ ଏହି କାର୍ଯ୍ୟକ୍ରମ ସଫଳ ହେବାକୁ ଯାଉଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ନଭେମ୍ବର ୩୦ରୁ ୪ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ମେକ୍-ଇନ୍-ଓଡ଼ିଶା ମହାସମ୍ମିଳନୀରେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ସିଙ୍ଗାପୁରର ବୈଷୟିକ ସେବା ପ୍ରତିଷ୍ଠାନ ମଧ୍ୟରେ ସ୍ୱାକ୍ଷରିତ ରାଜିନାମାରେ ତାଲିମ୍ ପାଇଁ ସିଙ୍ଗାପୁର ଯାତ୍ରା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ

ପୁରୀ ଅଫିସ, ୧୩।୧



ମକର ସଂକ୍ରାନ୍ତି ପୂର୍ବଦିନ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ସମ୍ପନ୍ନ ହୋଇଛି। ଖୁଣ୍ଟିଆ ଓ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଲାଗିକରିଥିଲେ। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ, ତଡ଼ଗୀ ଇତ୍ୟାଦି ତିନି ଠାକୁରଙ୍କୁ ଲାଗିକରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ, ଶଙ୍ଖ, ଚକ୍ର, ହଳ, ମୂଷଳ ଇତ୍ୟାଦି ଧାରଣ କରିଥିଲେ। ଏହା ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଶ୍ରୀଚୈତନ୍ୟ ଦେବ।

ସନ୍ଧ୍ୟା ଆଳତି, ଧୂପ ଓ ଚନ୍ଦନଲାଗି ସରିବା ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ପର୍ବଯାତ୍ରା ଯୋଗାଣିଆ ସେବକ ତିନିଟି ବାଉଁଶିଆରେ ଚାଉଳ ପୂରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ପୂଜାପଣ୍ଡା ମୁରୁଜ ପକାଇବା ପରେ ତାହା ଉପରେ ଚାଉଳ ବାଉଁଶିଆ ରଖି ଚେମେଡ଼ି, ପତନୀ, ପୁଷ୍ପ ଚନ୍ଦନ ଦେଇ ଅଧିବାସ ହୋଇଥିଲା। ଭୋଗମଣ୍ଡପ ଗୃହକୁ ତଢାଉ ସେବକ ମୁଦ ଦେଇଥିଲେ। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ଗେଣ୍ଡୁଫୁଲରେ ନିର୍ମିତ ହୋଇଥିଲା। ଗେଣ୍ଡୁ ଓ ଗୋଲାପ ଫୁଲର ସମ୍ମିଶ୍ରଣରେ ହୃଦ ପଦକ ତିଆରି ହୋଇଥିଲା। ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣଘରୁ ବିଜେ ହୋଇ ରତ୍ନସିଂହାସନକୁ ଆସିଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରଦାନ କରିଥିଲେ। ରତ୍ନସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷିଣ କରି ବଟମୂଳସ୍ଥିତ ପାଲିଙ୍କିରେ ବିଜେ କରିଥିଲେ। ପରେ ଶ୍ରୀମନ୍ଦିର ଚାରିପଟେ ସାଢେ ଚାରିଥର ପ୍ରଦକ୍ଷିଣ କରିଥିଲେ। ମଦନମୋହନଙ୍କୁ ମହାଜନ ସେବାୟତ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଥିବାବେଳେ ପ୍ରସାଦ ଲାଗି, ବନ୍ଦାପନା ଆଦି ହୋଇଥିଲା। ମଦନମୋହନ ଦକ୍ଷିଣଘରକୁ ବାହୁଡ଼ା ବିଜେ କରିଥିଲେ।

# ଶ୍ରୀମନ୍ଦିରକୁ ମକର ତାଡ଼ ବିଜେ

ପୁରୀ ଅଫିସ, ୧୩।୧



ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ଠାକୁରାଣୀ। ଶନିବାର ମକର ସଂକ୍ରାନ୍ତି ଥିବାରୁ ଶୁକ୍ରବାର ଶ୍ରୀମନ୍ଦିରକୁ ମକର ତାଡ଼ ବିଜେ କରିଛି। ପବିତ୍ର ମକର ସଂକ୍ରାନ୍ତିରେ ମହାପ୍ରଭୁଙ୍କ ପାଖରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହେବ। ଏହି ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯିବ। ଗୁରୁବାର ଶ୍ରୀବିଗ୍ରହଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର (ଛତା), କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ବିଜେ କରିଥିଲା। ସେଠାରେ କୁମ୍ଭକାର ସେବକମାନେ ମା'ଙ୍କ ନିକଟରେ ୪ଟି ନୂଆ ତାଡ଼ ରଖିଥିଲେ। ମା'ଙ୍କ ନିକଟରେ ବିଶେଷ ପୂଜା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଚାରିଜଣ କୁମ୍ଭାର ବିଶୋୟୀ ସେବକ ମୁହଁରେ ବାଘମୁଖା ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, ଓଲାର, କାହାଳୀ ସହିତ ୫ଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଥିଲେ। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଇଛି। ମକର ସଂକ୍ରାନ୍ତିରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ମଣୋହୀ କରାଯିବ। ମକରସଂକ୍ରାନ୍ତି ପୂର୍ବଦିନ ମାସାନ୍ତ ଅବସରରେ ନୀଳଚକ୍ର ଅଁଳାବେଢ଼ାରେ ଚୂନରା ସେବକମାନେ ଚୂନ ଦେଇଛନ୍ତି। ଶନିବାର ଚୂନରା ସେବାୟତମାନେ ନୀଳଚକ୍ର ଉପରକୁ ଯାଇ ଅଁଳାବେଢ଼ାରେ ରାମାନନ୍ଦୀ ଚିତାରେ ଗେରୁ ଲେପ ପ୍ରଦାନ କରିବେ।

## ଫେବୃୟାରୀ ୧ରେ କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୧୩।୧ : ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହେବାକୁ ଥିବାବେଳେ ଫେବୃୟାରୀ ୧ରେ ବଜେଟ ଉପସ୍ଥାପନ କରାଯାଇପାରେ। ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ପ୍ରଥମ ଦିନରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉଭୟ ଗୃହରେ ଉପସ୍ଥାପନ କରାଯିବ। ଅଧିବେଶନ ଦୁଇ ପର୍ଯ୍ୟାୟରେ ଏପ୍ରିଲ ୬ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଫେବୃୟାରୀ ୧୪ରୁ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ପାଚିଲେ ହାଡ଼ି ରଜା**
**ନଈ ବଢ଼ିଲେ କେଉଟ ରଜା।**

ଗଛରେ ଆମ୍ବ ପାଚିଲେ ନିମ୍ନ ସ୍ତରର ବ୍ୟକ୍ତି ଖାଇ ବଞ୍ଚିଯାଇଥାନ୍ତି। ସେହିପରି ନଈରେ ପାଣି ବିଲେ ବହୁତ ମାଛ ମିଳିବା ସମ୍ଭାବନା ରହିଥାଏ। ଫଳସ୍ୱରୂପ ମତ୍ସ୍ୟଜୀବୀମାନଙ୍କର ଭଲ ଆୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ କଷି**
**କଥା ଲହସରେ ପଶି ଆଇଲି,**
**ମୋତେ ନ ବୋଲିବ ବଳେ ପଶି।**

ବେଳେବେଳେ କେତେଜଣ ବ୍ୟକ୍ତି ନିଜର ଭିତିରି ଉଦ୍ଦେଶ୍ୟ ପୂରଣ କରିବା ଲକ୍ଷ୍ୟରେ କଥା ଛଳରେ ଘରେ ପହଞ୍ଚିଯାଇଥାନ୍ତି। କାଳେ କିଏ ଖରାପ ଭାବିବ ସେନେଇ ଆଗତୁରା କଥା ଲହସରେ ଚାଲି ଆସିଥିବା ନେଇ ସଫେଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ସ୍ୱତନ୍ତ୍ର ଓଡ଼ିଶା ଗଠନର କର୍ଣ୍ଣଧାର ରାମଚନ୍ଦ୍ର ମର୍ଦ୍ଦରାଜ



## ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ରାଜାବାହାଦୂର ଭାବେ ଅଭିହିତ କରି କହିଲେ, ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଥିଲେ । ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ଓଡୋନେଲ୍ କମିଟି ସମ୍ମୁଖରେ ସାକ୍ଷୀ ଦେବା ସହ ଲଣ୍ଡନଠାରେ ତୃତୀୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେଇ ସେ ଗୁରୁତ୍ୱପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ। ଗଞ୍ଜାମ ଜିଲାର ଉନ୍ନତି ପାଇଁ ସେ ଜଳସେଚନ, କୃଷି, ଗମନାଗମନ, ଶିକ୍ଷା, କଳା-ସଂସ୍କୃତି ଆଦି ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ବୋଲି ବାଚସ୍ପତି କହିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଖଲ୍ଲିକୋଟ ବିଧାୟିକା ଲତିକା ପ୍ରଧାନ ଏବଂ କବିସୂର୍ଯ୍ୟନଗର ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଉପସ୍ଥିତ ଥିଲେ। ସୂଚନା ଓ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂଜ୍ୟପୂଜା ସାହିତ୍ୟ ସଂସଦ ତରଫରୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ 'ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ' ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହେଶ୍ୱର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସକାଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଜି ଛକଠାରେ ତାଙ୍କର ଏକ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।

# ଗାଁରେ ପୋକ ସାଲୁବାଲୁ



କବିସୂର୍ଯ୍ୟନଗର,୧୩।୧(ଡି.ଏନ.ଏ.)

ଗାଁସାରା ପୋକ ସାଲୁବାଲୁ। ଘରର କାନ୍ଥ ହେଉ କି ରାସ୍ତା ସବୁଠି କୁଢ଼ କୁଢ଼ ପୋକ। ତିନିଦିନ ହେଲା ଏପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଆଠଗଡ଼ ପାଟଣା ଅଞ୍ଚଳରେ। ଏକ ଅଜଣା ପୋକ ପାଟଣା ଅଞ୍ଚଳର ଚାରିଆଡ଼େ ଦେଖିବାକୁ ମିଳୁଛି। ଯେଉଁଠି ଦେଖିଲେ ପୋକ ସାଲୁବାଲୁ । ଏହି ପୋକ ରାସ୍ତାକାଡ଼ ବିଲରୁ ଆସୁଥିବା ବିଡିଓ ତନ୍ମୟ ପାତ୍ର କହିଛନ୍ତି। ଏତେ ପରିମାଣରେ ପୋକ ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଖବର ଦେଇଥିବା ବେଳେ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ତେବେ ବିଡିଓ ପାତ୍ର କହିଛନ୍ତି, ବିଲରେ କୀଟନାଶକ ସିଞ୍ଚନ କରାଯାଉଛି। ଦିନେ ଦୁଇ ଦିନ ପରେ ଏହି ଅଜଣା ପୋକଗୁଡ଼ିକ ପଳାଇଯିବେ।

## ପ୍ରଥମ ପୃଷ୍ଠାରୁ...

### ବିଜୟରୁ ଭାରତର ...

ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ଅଧିକ ରୋମାଞ୍ଚକ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲା। ଅନ୍ୟତମ ଓଡ଼ିଆ ଖେଳାଳି ନିଲମ ସଞ୍ଜୀପ ଖେସ୍‌ଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ହୋଇଥିଲା। ଭାରତ ଅଧିକ ଗୋଲ ସହ ମ୍ୟାଚ ଫିନିଶ୍‌ର ସୁଯୋଗ ଥିଲା। ମାତ୍ର ଅଧିନାୟକ ହରମନ୍‌ପ୍ରୀତଙ୍କ ଡ୍ରାଗ୍‌ଫ୍ଲିକ୍‌କୁ ସ୍ପେନ୍ ରସରମାନେ ସଫଳତାର ସହ ଡିଫେଣ୍ଡ କରିବାରେ ସକ୍ଷମ ହୋଇଥିଲେ। ସ୍ପେନ୍ ଫରୱାର୍ଡମାନେ ଗୋଲ ପରିଶୋଧ ପାଇଁ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର କ୍ୱାର୍ଟର ପରେ କ୍ୱାର୍ଟରରେ ଦୁଇ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେସ ଓ କ୍ରିଷ୍ଣନ ବାହାଦୁର ପାଠକ ବଦଳ ହୋଇଥିଲେ ହେଁ ଫଳ ସମାନ ହୋଇଥିଲା। ଉଭୟ ଗୋଲକିପର ସଫଳତାର ସହ ଡିଫେଣ୍ଡ କରିବାରେ ସକ୍ଷମ ହୋଇଥିଲେ। ତୃତୀୟ କ୍ୱାର୍ଟରରେ ଆକାଶଦୀପ ସିଂଙ୍କୁ ବିପକ୍ଷ ଦଳର ଖେଳାଳି ଫାଉଲ ମାରିବା ଯୋଗୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ମାତ୍ର ଦୁର୍ଭାଗ୍ୟଜନକଭାବେ ହରମନ୍‌ପ୍ରୀତଙ୍କ ଶଟ୍‌କୁ ସ୍ପେନ୍ ଗୋଲକିପର ଆଡ୍ରିଆନ ରାଫି ରୋକି ଦେଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୧୫ ତାରିଖରେ ଇଂଲଣ୍ଡ ବିପକ୍ଷରେ ଖେଳିବ।

### ଜଙ୍ଗଲରୁ ମହିଳା କ୍ରିକେଟରଙ୍କ ...

ଗୋଡ ଭୂଇଁରେ ଲାଗିଥିବା ଓ ଚପଲଟି ତଳେ ପଡିଥିବା ଦେଖିବାକୁ ମିଳିଥିଲା। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଟାଙ୍ଗି ଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୁରୀ ଜିଲା ରାମଚଣ୍ଡୀ ଥାନା ଅନ୍ତର୍ଗତ ଭୁଆଗାଁର ଗୁଣନିଧି ସ୍ୱାଇଁଙ୍କ ଝିଅ ରାଜଶ୍ରୀ ତାଙ୍କ କୋଚ୍‌ଙ୍କ ମାଧ୍ୟମରେ କଟକଠାରେ କ୍ରିକେଟ ପ୍ରଶିକ୍ଷଣ ଶିବିରରେ ଥିଲେ। ଆସନ୍ତା ୧୫ରେ ପଣ୍ଡିଚେରୀଠାରେ ହେବାକୁ ଥିବା ବରିଷ୍ଠ ମହିଳା ଦିନିକିଆ କ୍ରିକେଟର ପ୍ରଥମ ୩ଟି ମ୍ୟାଚ୍ ପାଇଁ କଟକ ବଜ୍ରକବାଟି ରୋଡ଼ଠାରେ ୨୫ ଜଣ ଖେଳାଳିଙ୍କୁ ନେଇ ଏକ ଶିବିର ଚାଲିଥିଲା। ଗତ ୧୦ ତାରିଖରେ ଓଡ଼ିଶା ଦଳର ନାମ ତାଲିକା ଘୋଷଣା ହୋଇଥିଲା। ହେଲେ ରାଜଶ୍ରୀଙ୍କ ନାମ ସେଥିରେ ନ ଥିଲା। ଏହା ଜାଣିବା ପରେ ସେ ହତୋତ୍ସାହିତ ହୋଇ ପଡ଼ିଥିଲେ। ୧୧ ତାରିଖ ସକାଳେ ତାଙ୍କୁ ଅଭ୍ୟାସ ପାଇଁ ଟାଙ୍ଗୀସ୍ଥିତ ଡ୍ରିମ୍ସକୁ ଯିବାକୁ କହିବାରେ ସେ ଘରକୁ ଯାଉଛନ୍ତି କହି ପଳାଇ ଆସିଥିଲେ। ତା'ପରଠାରୁ ସେ ନ ଫେରିବାରୁ କୋଚ୍ ପୁଷ୍ପାଞ୍ଜଳି ବାନାର୍ଜୀ ତାଙ୍କ ଘର ସହ ଯୋଗାଯୋଗ କରିଥିଲେ। ହେଲେ ସେ ନିଜ ଘରେ କିମ୍ବା କଟକ ସିଡିଏସ୍ଥିତ ଭଡାଘରେ ନ ଥିବା କୋଚ୍ ଜାଣିବାକୁ ପାଇଥିଲେ। ଏହାପରେ ସେ ରାଜଶ୍ରୀଙ୍କ ନିଖୋଜ ନେଇ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରାଜଶ୍ରୀ ମୋବାଇଲର ଲୋକେସନ ଠାବ କରିବାକୁ ପୋଲିସ ଉଦ୍ୟମ କରିଥିଲା। ଖୁଣ୍ଟୁଣୀ ବନାଞ୍ଚଳର ଜଣେ ହାତୀ ଟ୍ରାକର ୧୨ ତାରିଖ ସକାଳୁ ବ୍ରାହ୍ମଣବସ୍ତ ଜଙ୍ଗଲ ମଧ୍ୟରେ ସନ୍ଦେହଜନକ ଭାବେ ଏକ ସ୍କୁଟି ଥୁଆ ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୁରୁଡ଼ିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଏନେଇ ମଙ୍ଗଳାବାଗ ପୋଲିସକୁ ଜଣାଇଥିଲେ। ସନ୍ଧ୍ୟାରେ ଉଭୟ ପୋଲିସ ଜଙ୍ଗଲରେ ସ୍କୁଟି ଦେଖି ବହୁ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲେ। ହାତୀଙ୍କ ଚଳାଚଳ ସମୟ ହୋଇଥିବାରୁ ପୋଲିସ ଫେରିଆସିଥିଲା। ପୁଣି ଶୁକ୍ରବାର ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଥିବା ସ୍ଥାନରୁ ପ୍ରାୟ ୩୦୦ ଶହ ମିଟର ଦୂର ଏକ ଗଛରେ ରାଜଶ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲା। ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ଗୁରୁଡ଼ିଝାଟିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି। ଅପରପକ୍ଷରେ ମଙ୍ଗଳାବାଗ ଥାନାଧିକାରୀ ସୁଧାଂଶୁ ଜେନା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଆତ୍ମହତ୍ୟା କି ନୁହେଁ ସ୍ପଷ୍ଟ ହେବ। ଅପରପକ୍ଷରେ ରାଜଶ୍ରୀଙ୍କୁ ମାରି ଝୁଲାଇ ଦିଆଯାଇଥିବା ଓ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଓସିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ବେହେରା କହିଛନ୍ତି, ଚୟନ ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ। ବର୍ତ୍ତମାନର ପ୍ରଦର୍ଶନ, ପୂର୍ବ ରେକର୍ଡକୁ ଆଧାର କରି ଚୟନ କରାଯାଏ। ରାଜଶ୍ରୀ ୨୫ ଜଣଙ୍କ ଭିତରେ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ୧୬ ଜଣଙ୍କ ଭିତରେ ସେ ନ ଥିଲେ। ପ୍ରଥମ ୩ଟି ମ୍ୟାଚ ପାଇଁ ୧୬ ଜଣିଆ ଟିମ ଚୟନ କରାଯାଇଥିଲା। ରାଜଶ୍ରୀଙ୍କ ମୃତ୍ୟୁ ଖବର ଶୁଣି ଆମେ ମର୍ମାହତ। ଓସିଏର ଜଣେ ପଞ୍ଜୀକୃତ ଖେଳାଳିଙ୍କୁ ଆମେ ହରାଇଲୁ। କୌଣସି ଖେଳାଳି ଏପରି ଚରମ ପଦକ୍ଷେପ ନ ନେବାକୁ ସେ ଅନୁରୋଧ କରିଛନ୍ତି।

# ଭୋର ୪ଟା ୪୧ରେ ବୁଡ଼ ପକାଇବେ ଶ୍ରଦ୍ଧାଳୁ

## ଚନ୍ଦ୍ରଭାଗା ମାଘସପ୍ତମୀ ମେଳା ଲାଗି ବୈଠକ

କୋଣାର୍କ,୧୩।୧(ଡି.ଏନ୍.ଏ.)

କୋଣାର୍କର ଚନ୍ଦ୍ରଭାଗାରେ ଆସନ୍ତା ୨୮ରେ ମାଘସପ୍ତମୀ ବୁଡ଼ ହେବ। ଏଥି ନିମନ୍ତେ ତ୍ରିଶମ୍ଭୁଙ୍କ ସ୍ନାନ କାର୍ଯ୍ୟ ଓ ପୂଜାର୍ଚ୍ଚନାର ନୀତି ନିର୍ଦ୍ଧାରଣ ଲାଗି ସମ୍ପାଦନ ସବ୍ କମିଟି ବୈଠକ କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁରର ମହାଦେବ ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବଙ୍କ ଚନ୍ଦ୍ରଭାଗା ମାଘସପ୍ତମୀ ଅବସରରେ ତୀର୍ଥ ପୁଷ୍କରିଣୀରେ ସ୍ନାନ କାର୍ଯ୍ୟ, ପୂଜାର୍ଚ୍ଚନା ବିଷୟରେ ତିନିଠାକୁରଙ୍କ ସେବାୟତଙ୍କ ସହିତ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ତ୍ରିଶମ୍ଭୁ ନିଜ ନିଜର ପୀଠରେ ଥିବା ବିମାନରେ ଷଷ୍ଠୀ ଦିନ ରାତି ୮ଟା ୧୦ରେ ବିଜେ କରି ଆଲୋକ ବ୍ୟବସ୍ଥା ଓ ସାଂସ୍କୃତିକ ନାଚର ତାଳେ ତାଳେ ନିଜର ପୀଠରୁ ବାହାରି ରାତି ୧୦ଟା ୩୦ରେ କୋଣାର୍କ ଏନ୍ଏସି ପୂଜା ମଣ୍ଡପରେ ପହଞ୍ଚିବେ। ସେଠାରେ ତ୍ରିଶମ୍ଭୁଙ୍କ ନିକଟରେ ଭୋଗ ଲାଗି ନୀତି ନିର୍ଘଣ୍ଟ ହେବ। ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ କୋଣାର୍କ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ଭୋଗ ଲାଗି ପରେ ରାତ୍ର ୧. ୩୦ମିନିଟ ସମୟରେ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ସ୍ଥିର ହୋଇଛି। ଚନ୍ଦ୍ରଭଗା ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ବାବା ତ୍ରିବେଣୀଶ୍ୱର, ଈଶାଣେଶ୍ୱର ଓ ଦକ୍ଷିଣେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଭୋର ୪ଟା ୪୧ମିନିଟରେ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘସପ୍ତମୀ ବୁଡ଼ ପକାଇବେ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ତୀର୍ଥ ପୁଷ୍କରିଣୀ ଖନନ, ଶ୍ରଦ୍ଧାଳୁଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟଗୁଡିକ ବିଷୟରେ ଉପଜିଲାପାଳ ସାହୁ ସମୀକ୍ଷା କରିବା ସହ ତୁରନ୍ତ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପ ତହସିଲଦାର ଏସ୍.କେ.ସାଗିର, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା, କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଏନ୍ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




ଚନ୍ଦ୍ରଭାଗା ମାଘସପ୍ତମୀ ପାଇଁ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିମାନେ।

# ଓଡ଼ିଶା ଆସୁଛି ଡାକୋଟା



## ଭୁବନେଶ୍ୱର ବିମାନବନ୍ଦର ପ୍ରବେଶ ପଥ ନିକଟରେ ରଖାଯିବ

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ବିଜୁ ପଟ୍ଟନାୟକଙ୍କ ବିମାନ ଡାକୋଟା ଓଡ଼ିଶା ଆସୁଛି । ବିମାନକୁ କୋଲକାତାରୁ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯାଉଛି। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଆସିବ। ଏହି ବିମାନକୁ ଭୁବନେଶ୍ୱର ବିମାନବନ୍ଦର ଆଗରେ ରଖାଯିବ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରବେଶ ପଥରେ ସୁଦୃଶ୍ୟ ମଞ୍ଚ ଉପରେ ଡାକୋଟା ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବ। ହକି ବିଶ୍ୱକପ୍ ସମୟରେ ଦେଶ ବିଦେଶରୁ ଆସିଥିବା ଖେଳାଳି, ଅଫିସିଆଲ ଏବଂ ଦର୍ଶକ ଏହି ଗୌରବମୟ ଅଧ୍ୟାୟକୁ ନିକଟରୁ ଦେଖିବାର ସୁଯୋଗ ପାଇବେ। କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଜୁବାବୁଙ୍କ ଡାକୋଟା ବିମାନ ରହିଥିଲା । ଏହାକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବର୍ଷେ ହେଲା ରାଜ୍ୟ ସରକାର ଉଦ୍ୟମ ଚଳାଇଥିଲେ । କୋଲକାତା ବିମାନବନ୍ଦରରେ ଡାକୋଟା ବିମାନର ଡେଣାକୁ ଅଲଗା କରିବା କାମ ଚାଲିଛି । ଦିନେ ଦୁଇଦିନ ଭିତରେ ଏହା ସଡ଼କ ପଥରେ ଭୁବନେଶ୍ୱର ଅଭିମୁଖେ ସ୍ୱତନ୍ତ୍ର ଟ୍ରେଲର୍ ଜରିଆରେ ଆସିବ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ବିମାନର ଲମ୍ବ ୬୪ ଫୁଟ୍ ଥିବା ବେଳେ ଏହାର ଡେଣାର ଲମ୍ବ ୯୫ ଫୁଟ୍ ରହିଛି । ବିମାନକୁ ରଖିବା ଲାଗି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରବେଶ ପଥରେ ୧.୧ ଏକର ଜମି ସାଧାରଣ ପ୍ରଶାସନ ବିଭାଗ ଚିହ୍ନଟ କରିଛି । ଟର୍ମିନାଲ-୧ ସମ୍ମୁଖରେ ଏହାକୁ ରଖାଯିବ। ଭୁବନେଶ୍ୱରରେ ପହଞ୍ଚିବା ପରେ ଏହାର ଡେଣାକୁ ଯୋଡ଼ାଯାଇ ପୂର୍ବରୂପ ଦିଆଯିବ । ଏଥିସହ ଏଥିରେ ରଙ୍ଗ କରାଯିବ । ବିମାନ ଯେପରି ବିନା ଦ୍ୱିଧାରେ ସଡ଼କ ପଥରେ ଆସି ଭୁବନେଶ୍ୱରରେ ପହଞ୍ଚିବ ସେଥିପାଇଁ ପରିବହନ ବିଭାଗ ପଦକ୍ଷେପ ନେଉଛି । ଟ୍ରାଫିକ୍ ପରିଚାଳନା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଏବଂ ଖୋର୍ଦ୍ଧା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ମଧ୍ୟ ଏଥିରେ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ ବିଜୁବାବୁଙ୍କ ଜୀବନରେ ଡାକୋଟା ବିମାନ ଏକ ଅବିଚ୍ଛେଦ୍ୟ ଅଙ୍ଗହୋଇ ରହିଥିଲା । ୧୯୪୭ ଜୁଲାଇ ୨୧ ତାରିଖରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହି ବିମାନରେ ତତ୍କାଳୀନ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କୁ ଶତ୍ରୁ କବଳରୁ ଉଦ୍ଧାର କରି ଭାରତ ନେଇ ଆସିଥିଲେ । ଏହି ସାହସିକତା ପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିଲା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରିୟଜନଙ୍କ ସହ ଧାର୍ମିକ କ୍ଷେତ୍ରକୁ ଯାତ୍ରା ପ୍ରୀତିପ୍ରଦ ରହିବ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କୁ ନୂଆ ପରିବେଶରେ ଦେଖି ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଥବା କୌଣସି ନୂଆ ଯୋଜନା ସକାଶେ ମନ ବଳାଇବେ। ଆଲୋଚନା ପରିସର କିମ୍ବା ସଭାସମିତିରେ ନିଜ ମତକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**ବୃଷ** ଆପଣ ଯେତେ ଭଲ କାମ କଲେ ମଧ୍ୟ ଘରର ସଦସ୍ୟମାନେ ପୂର୍ଣ୍ଣତଃ ସନ୍ତୁଷ୍ଟ ହୋଇପାରିବେ ନାହିଁ। କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇ କାମ ହାସଲ କରିବେ। କୌଣସି ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗଦେଇପାରନ୍ତି। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ବନ୍ଧୁଙ୍କ ପରାମର୍ଶରେ ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଂଶିକ ସଫଳତା ପାଇବେ। ପୁରାତନ ରୋଗର ପୀଡ଼ା କର୍ମକ୍ଷେତ୍ରକୁ ନିରୁତ୍ସାହିତ କରିବ। ବ୍ୟବସାୟ ଓ ପରିବହନ ଲାଗି ଦିନଟି ଭଲ କିନ୍ତୁ ଭୁଲ୍ ବୁଝାମଣା ନ ହେଲାଭଳି କାମ କରିବା ଭଲ। ପାରିବାରିକ, ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ସ୍ଥିତି ଭଲ ରହିବ।

**କର୍କଟ** ସମସ୍ୟା ବିଜଡ଼ିତ ରହୁଥିବାରୁ କର୍ମକ୍ଷେତ୍ରରେ ବିଭିନ୍ନ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ସମ୍ପତ୍ତି ବିବାଦ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ନୈରାଶ୍ୟ ହେତୁ ବନ୍ଧୁଟି ଅଭିମାନଭରା କଥା କହି ଦୁଃଖ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜ କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରକାଶନ ଓ ପ୍ରଶାସନରେ ଅସୁବିଧା ହେବନି। ଶତ୍ରୁତା କାରଣରୁ ସମ୍ପର୍କୀୟଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାରୁ ମାନସିକ ସ୍ଥିରତା ରହିବ ନାହିଁ। ଆଜି ବିବାଦୀୟ କଥା କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୁରାଇବା ଭଲ। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇଦେବ। ବ୍ୟବସାୟ, ପରିବହନରେ ଉନ୍ନତି କରିବେ।

**ତୁଳା** କୌଣସି ଦୀର୍ଘ ମିଆଦି ଯୋଜନା ଫସର ଫାଟିଯିବ। ଅନ୍ୟମାନଙ୍କ ସକାଶେ ଯେତେ ଭଲ କାମ କଲେ ସୁଦ୍ଧା ଆପଣ ଜମା ପ୍ରଶଂସା ପାଇବା କଷ୍ଟକର ହେବ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ବିଛା** ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ନଚେତ୍ ପରେ ଚିନ୍ତା କରିବାକୁ ପଡ଼ିବ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ବ୍ୟବସାୟ,ବାଣିଜ୍ୟରେ କ୍ଷତିର ଭରଣା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକପ୍ରକାର ଭଲ ହେବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖାଦେଇପାରେ।

**ମକର** ଆଜି ଯେକୌଣସି ପ୍ରକାରେ ଗୁରୁତ୍ୱପୂର୍ଣ୍ଣ କାମଟି ଶେଷ କରିବାକୁ ବାଧ ହେବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ଓଲଟି ଦୋଷାରୋପ କରିପାରନ୍ତି। ଦୂର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହି ଦୁଶ୍ଚିନ୍ତାର କାରଣ ପାଲଟିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, ମାଲି ମକଦ୍ଦମା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି।

**ମୀନ** ଆଜି ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତି ନିକଟରେ ରହୁଥିବା ବନ୍ଧୁ ଦ୍ୱାରା କାମ ହାସଲ କରିବେ। ପିଲାମାନଙ୍କୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି, ଯାହାକି ବିରକ୍ତିର କାରଣ ହୋଇପାରେ।

ଆଜି ମାଘ କୃଷ୍ଣ ସପ୍ତମୀ ଶନିବାର, ଜାନୁୟାରୀ ୧୪ ତାରିଖ, ଶୁଦ୍ଧକାଳ ଆରମ୍ଭ, ମକର ସଂକ୍ରାନ୍ତି, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ ମକରବୁଡ଼, ଗଙ୍ଗାସାଗର ସ୍ନାନ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୩୩ ମି ଗତେ ଘ.୦୧।୦୧ ମି ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୧ ମି ଗତେ ଘ.୧୦।୩୩ ମି ମଧ୍ୟେ ରାହୁକାଳ।

## ବୃକ୍ଷରୋପଣ, ସ୍ୱଚ୍ଛତା ପକ୍ଷ ପାଳନ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବୃକ୍ଷ ରୋପଣ ଓ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଏମ.ପି.ଏଚ.ଡବ୍ଲୁ ଶ୍ରବଣ କୁମାର ପାଢ଼ୀ, ଜ୍ୟୋତ୍ସ୍ନାରାଣି ନାଗ, ସିଏଚଓ ପ୍ରିୟଙ୍କା ସେନାପତିଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜିବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ନାଏବ ସରପଞ୍ଚ ନୋ ନାଏକ, ନାଏବ ସରପଞ୍ଚ ପ୍ରତିନିଧି ନବୀନ ନାଏକ ଗ୍ରାମରେ ପରିମଳ ବ୍ୟବସ୍ଥା ସ୍ୱଚ୍ଛତା ଓ ସବୁଜ ବନାନୀ ପାଇଁ ବୃକ୍ଷରୋପଣର ଗୁରୁତ୍ୱ ଦେଇଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଭାଜପାର କର୍ମୀ ସମାବେଶ

**କର୍ଲାମୁଣ୍ଡା,୧୩।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ବ୍ଲକ ସଦର ଆମ୍ବ ବଗିଚାଠାରେ କର୍ଲାମୁଣ୍ଡା ବ୍ଲକସ୍ତରୀୟ ଭାଜପାର କର୍ମୀ ସମାବେଶ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା ଯୋଗଦେଇ ତୃଣମୂଳସ୍ତରରୁ କର୍ମୀମାନେ ସଙ୍ଗଠିତ ହେବାକୁ ଆହ୍ୱାନ ଦେବା ସହବୁଡ୍ କମିଟିଗୁଡିକୁ ମଜ୍‌ଭୁତ କରିବାକୁ ପରାମର୍ଶ ଦେଇଥିଲେ। କର୍ଲାମୁଣ୍ଡା ମଣ୍ଡଳ ସଭାପତି ସଞ୍ଜୟ ଜୈନ, ଯୋରାଡବ୍ରା ମଣ୍ଡଳ ସଭାପତି ଦଶରଥ ସାହୁ, ଦୁଇ ମଣ୍ଡଳ ପ୍ରଭାରୀ ଘନଶ୍ୟାମ ଗହୀର, ପଦ୍ମଲୋଚନ ମିଶ୍ର, ଜୁନାଗଡ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଲାଞ୍ଜିଗଡ ବିଧାୟକ ପ୍ରାର୍ଥୀ ରମେଶ ମାଝି, ନର୍ଲା ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନ, ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ପୂର୍ବତନ ବିଧାୟକ କୁମରମଣୀ ଶବର, ଜିଲା ଏସସି ମୋର୍ଚ୍ଚା ସଭାପତି ଗଣେଷ କୁମାର, ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀକାନ୍ତ ହୋତା, ପ୍ରଭାତୀ ଭୋଇ, ପୁଷ୍ପକାନ୍ତି କୁମାର, ପ୍ରଦୀପ ନାଏକ, ଶରତ ସାହୁ, ସରୋଜ ସେଠ୍, ପୁରନ୍ଦର ରଣା, ଦୟାନିଧି ସାହୁ, ଦିବାକର ବାଗ, ମଣ୍ଡଳ ସଂପାଦକ ଲିଙ୍ଗରାଜ ସାହୁ, ସୁଶୀଳ ସାହୁ, ଗୋପିନାଥ ସାହୁ, ଏମ୍ପି ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ଜିଲା କାର୍ଯ୍ୟକାରୀ ସଦସ୍ୟା ଜୟନ୍ତି ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଷମା ରଣା, ପୁଷ୍ପାଞ୍ଜଳୀ ସାହୁ ପ୍ରମୁଖ ଯୋଗଦେଇ ସଂଗଠନ ଉପରେ ଆଲୋକପାତ କରିଥିଲେ।

### ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର

**ଭବାନୀପାଟଣା,୧୩।୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ସଡକ ସୁରକ୍ଷା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡି. ରାମ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍ଟିଓ) ଇଂ ଗତିକୃଷ୍ଣ ସାମନ୍ତରାୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କୁ ସଡକ ସୁରକ୍ଷା ସମ୍ବନ୍ଧୀୟ ଜ୍ଞାନ କୌଶଳମାନ ପ୍ରଦାନ କରିଥିଲେ। ଦୁର୍ଘଟଣା ଜନିତ ପଥଚାରୀଙ୍କୁ କିପରି ସାହାଯ୍ୟ ସହଯୋଗ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ ଓ ସରକାରଙ୍କୁ ସହଯୋଗ କରି ବିଭିନ୍ନ ପୁରସ୍କାର ସଦଉପଯୋଗ କରିବା ପାଇଁ କହିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ମୁଖ୍ୟଅତିଥିଙ୍କୁ ସମ୍ମାନିତ କରିଥିଲେ। ଆଲୋଚନାରେ ବି.ବି.ଏ, ବି.ସି.ଏ, ଯୁକ୍ତ ତିନିର ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ବି.ବି.ଏ ଅଧକ୍ଷ ଡା. ସୁଦୀପ୍ତ କୁମାର ଜାନା, ବି.ଏସ.ସି ଅଧକ୍ଷ ଡା. ଆଦିତ୍ୟ କୁମାର ପଟ୍ଟନାୟକ, ବି. ଏସ.ସି ନର୍ସିଂ ଅଧକ୍ଷ ସୁଶ୍ରୀ କେ. ଜୟଶ୍ରୀ ଓ ଅଧାପକ, ଅଧାପିକା ଆଲୋଚନାରେ ମତ ସାବ୍ୟସ୍ତ ସହ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ପରଲୋକ

**ଲାଞ୍ଜିଗଡ଼,୧୩।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ପୂର୍ବତନ ଅଧକ୍ଷ



ରଘୁନାଥ ପୂଜାରୀଙ୍କ ତାଙ୍କ ବାସଭବନରେ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଶୁକ୍ରବାର ଶୋକାକୁଳ ପରିବେଶରେ ଶ୍ମଶାନରେ ଦାହସଂସ୍କାର କରାଯାଇଛି। ବଡପୁଅ ଜ୍ୟୋତିନ୍ଦ୍ର ମୁଖାଗ୍ନି ଦେଇଥିବାବେଳେ ସାନପୁଅ ଶିଶିରଙ୍କ ସମେତ ବନ୍ଧୁବାନ୍ଧବ, ପ୍ରିୟଜନ ଓ ଗ୍ରାମବାସୀ ଶବାଧାରରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝି, ପୂର୍ବତନ ଅଧକ୍ଷ ଇଂ ଫକୀରମୋହନ ମାଝି, ମନୋହର ହରପାଲ, ପୂର୍ବତନ ଉପାଧକ୍ଷ ଶ୍ରୀଧର ପେସନିଆ, ଜଗଦୀଶ ବେନିଆଁ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳ ବ୍ୟାପି ଶୋକର ଛାୟା ଖେଳିଯାଇଛି।

# ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ପାଇଁ ଦାବିପତ୍ର

**ସିନାପାଲି,୧୩।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ମାଇନ୍ସ ପଡାରେ ବସବାସ କରୁଥିବା ୮୦ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ ପାଇଁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ସ୍ଥାନିୟୀ ତହସିଲଦାର ଉପାଞ୍ଜଳି ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଳତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ମାଇନ୍ସ ପଡାଠାରେ ଗତ ୨୦ ବର୍ଷ ହେବ ୮୦ପରିବାର ରହୁଛନ୍ତି। ସେତେବେଳେ ତହସିଲଦାର ସେମାନଙ୍କୁ ସେଠାରେ ରହିବା ନେଇ କୌଣସି ଆପତ୍ତି କରି ନ ଥିଲେ। ଏପରିକି ସେଠାରେ କିଛି ପରିବାର ଆବାସ ଯୋଜନାରେ ଘର ତିଆରି କରି ରହି ଆସୁଛନ୍ତି। ହେଲେ ଲୋକଙ୍କୁ ବାରମ୍ବାର ସେଠାରୁ ଉଚ୍ଛେଦ କରିବାକୁ କିଛି ବିଭାଗୀୟ କର୍ମଚାରୀ ଚକ୍ରାନ୍ତ କରି ଆସୁଛନ୍ତି। ଏବଂ ଜାଗା ଛାଡିବାକୁ ଧମକ ଦେଉଥିବା ଅଭିଯୋଗ ହେଉଛି। ଏପରିକି ସେମାନଙ୍କୁ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ ଆସୁଥିଲେ ମଧ ଘର ତିଆରି କରିବାକୁ ଦିଆଯାଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଲୋକଙ୍କ କହିବା ଅନୁସାରେ ଯେଉଁ ସ୍ଥାନରେ ତାଙ୍କୁ ଜାଗା ମିଳିଛି, ତାହା ରହିବା ଉପଯୋଗୀ ନୁହେଁ। ଦୀର୍ଘ ବର୍ଷଧରି ଏହି ସ୍ଥାନରେ ରହି ଆସୁଥିବା ଯୋଗୁ ଅନ୍ୟ କୌଣସି ସ୍ଥାନ କୁ ଯିବା ଏମାନଙ୍କ ପାଇଁ କଷ୍ଟକର ବୋଲି ପତ୍ରରେ ଉଲ୍ଲେଖ ରହିଛି। ଏହି ପରିବାରଙ୍କୁ ହଇରାଣ ନ କରି ଉକ୍ତ ସ୍ଥାନରେ ରହିବାକୁ ଅନୁମତି ଦେଇ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରିବାକୁ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ଏ ନେଇ ବ୍ଲକ ତଥା ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ତାଣ୍ଡିଙ୍କ ସମେତ ଦଳିତ ଅଧିକାର ମଞ୍ଚ ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, ଲିଙ୍ଗରାଜ ଜାଲ, କୈଳାଶ ଭୋଇ, ବୈକୁଣ୍ଠ ତାଣ୍ଡି, ଦିନବନ୍ଧୁ ବେହେରା, କ୍ଷମା ଶବର, କୈଳାଶ ବାଗ, ପଦ୍ମା ମେହେର, ଦୁର୍ଗେସ ମେହେର ଦୈତାରୀ ବେହେରା ସମେତ ଅନେକ ଲୋକ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଇଓଙ୍କ ହସ୍ତକ୍ଷେପ ପରେ ଖୋଲିଲା ତାଲା

**ଲାଞ୍ଜିଗଡ଼,୧୩।୧(ଡି.ଏନ.ଏ.)**

**ଏସ୍‌ଏଚ୍‌ଜି ସ୍କୁଲରେ ତାଲା ପକାଇବା ଘଟଣା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏମଡିଏମର ୩ ମାସର ଟଙ୍କା ମିଳି ନ ଥିବାରୁ ଗତ ବୁଧବାର ଛତ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଥିଲେ। ଫଳରେ ୪ ଘଣ୍ଟା ଛାତ୍ରୀଛାତ୍ର ଗେଟ ବାହାରେ ଖରାରେ ବସି ରହିଥିବା ବେଳେ ଶେଷ ପରୀକ୍ଷାରୁ ବଞ୍ଚିତ ରହିଥିଲେ। ବୁଧବାର ୨୨୭ ଛାତ୍ରୀଛାତ୍ରଙ୍କ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ପରୀକ୍ଷା ରହିଥିବା ବେଳେ ସ୍କୁଲରେ ପ୍ରବେଶ କରି ନ ଥିଲେ। ଗେଟ ବାହାରେ ଖରାରେ ବସିଥିଲେ। ବୁଧବାର ଶିକ୍ଷା ବିଭାଗ ପକ୍ଷରୁ କେହି ଉଚ୍ଚସ୍ତରୀୟ ଅଧିକାରୀ ଘଟଣା ସ୍ଥଳକୁ ଆସି ନ ଥିଲେ। ୨ୟ ଦିନ ପୁଣି ଗେଟ ବାହାରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣା ଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକ ହସ୍ତକ୍ଷେପ କରି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ପରେ ସ୍କୁଲରେ ପକାଇଥିବା ତାଲା ଏସ୍‌ଏଚ୍‌ଜି ମହିଳାମାନେ ଖୋଲି ଦେଇଥିଲେ। ସୂଚନାମତେ ଗତ ୩ ମାସର ମଧାହ୍ନ ଭୋଜନ ଟଙ୍କା ସ୍କୁଲ ପକ୍ଷରୁ ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୈଠ କରାଯାଇ ନ ଥିଲା। ଏହାକୁ ନେଇ ଛତ୍ରପୁର ଗାଁ ମହିଳାମାନେ ବୁଧବାର ସ୍କୁଲ ଗେଟ ସମ୍ମୁଖରେ ଧାରଣା ଦେବା ସହିତ ତାଲା ପକାଇଥିଲେ। ଟଙ୍କା ନ ମିଳିବା ଯାଏ ତାଲା ଖୁଲିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ଗୁରୁବାର ପୁଣି ଗେଟ ସମ୍ମୁଖରେ ମହିଳାମାନେ ଧାରଣା ଦେଇଥିବା ବେଳେ ବିଇଓ ନାଏକ, ଏବିଇଓ ପଦ୍ମ ଲୋଚନ ସୁନା, ଡବ୍ଲୁଇଓ ପଙ୍କଜ ବଳିଆର ସିଂ ଆସି ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ମହିଳାମାନେ ଏମଡିଏମ ବାବଦକୁ ଖର୍ଚ୍ଚ କରିଥିବା ବିଲ ପୈଠ କଲେ ଟଙ୍କା ଶୀଘ୍ର ଦିଆଯିବ ବୋଲି ଡବ୍ଲୁଇଓ ସିଂ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିଙ୍କ ନାମରେ ସ୍କୁଲ ଆକାଉଣ୍ଟ ରହିଥିବା ବେଳେ ଏସ୍‌ଏଚ୍‌ଜିକୁ ସହଯୋଗ କରୁ ନ ଥିବା ମହିଳାମାନେ ଅଭିଯୋଗ କରିଥିଲେ। ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀ ଓ ସହ ଶିକ୍ଷୟିତ୍ରୀ ଭାରତୀ ନାୟକଙ୍କ ନାମରେ ସ୍କୁଲ ଆକାଉଣ୍ଟ ଖୋଲାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଏସ୍‌ଏଚ୍‌ଜି ସଭାନେତ୍ରୀ ପଦ୍ମତୋଳା ହରିଜନ ପ୍ରକାଶ କରିଛନ୍ତି। ବୁଧବାରଠାରୁ ବନ୍ଦ ଥିବା ସ୍କୁଲ ଗେଟ ମହିଳାମାନେ ଖୋଲିବା ପରେ ଛାତ୍ରୀଛାତ୍ରମାନେ ସ୍କୁଲ ଯିବା ସ୍ୱାଭାବିକ ହୋଇଥିଲା।

## ପୁଟିଗାଁଠାରେ ଅପରିଚିତ ଗଳିତ ମୃତଦେହ ଚିହ୍ନଟ

**କର୍ଲାମୁଣ୍ଡା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁ ଶିବ ମନ୍ଦିର ନିକଟସ୍ଥ ଉତେଇ ନଦୀ ଘାଟଠାରୁ ପ୍ରାୟ ଶହେ ମିଟର ଦୂରରେ ବୁଦା ମୂଳେ ଏକ ଅଜଣା ଗଳିତ ମୃତଦେହ ଚିହ୍ନଟ ହେବା ପରେ ଘଟଣା ଅଞ୍ଚଳରେ ଆଲୋଚନା ବିଷୟ ବସ୍ତୁ ପାଲଟିଛି। ତେବେ କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ମ. ରାମପୁର ଥାନାଧିକାରୀ ସଚିନ୍ଦ୍ର ପଧାନ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଏସଆଇ ବଂଶୀଧର ସାମଲ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଅଜଣା ମୃତଦେହ ବହୁତ ଦିନର ହୋଇଥିବାରୁ ଚିହ୍ନଟ କରିବା ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ମୃତଶରିର ମୁଣ୍ଡ ଗଛ ଡାଳରେ ଲଟକି ରହିଥିବା ବେଳେ ବାକି ଅଂଶ ତଳେ ପଡିଛି ଏବଂ ଶରୀରର ବହୁ ଅଂଶ ନ ଥିବା ଦେଖାଯାଉଛି। ଏହା ପୁରୁଷ ନା ସ୍ତ୍ରୀ ଲୋକ ସ୍ପଷ୍ଟ ହୋଇନାହିଁ। ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଉକ୍ତ ନଦୀ ଘାଟକୁ ଜନସାଧାରଣ ନିୟମିତ ଭାବେ ଯିବା ଆସିବା କରୁଥିବା ବେଳେ ଏହି ସମ୍ବନ୍ଧରେ ଟେର ନ ପାଇବା ଚକିତ କରି ପକାଇଛି।

# ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଖଡ଼ିଆଳ,୧୩।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ସମଲେଶ୍ୱରୀ ମନ୍ଦିରଠାରେ ଖଡ଼ିଆଳ ଯୁବା ମୋର୍ଚ୍ଚା ପକ୍ଷରୁ ଚାଲିଥିବା ଡବଲ୍ସ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସିନିୟରବର୍ଗରେ ରିତେଶ ଏଣ୍ଡ ଯୋଡ଼ି ୨–୧ ସେଟରେ ବୋଡ଼େନର ମୁନାଫ ଏଣ୍ଡ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିଭଳି ଜୁନିୟର ବର୍ଗରେ ଖଡ଼ିଆଳ ବିକାଶ ଏଣ୍ଡ ଯୋଡ଼ି ୨–୦ ସେଟରେ ଉଦ୍ୟାନବନ୍ଧର ଚିଉ ଏଣ୍ଡ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନଗରପାଳ ଉଜ୍ଜଳ ଗୁପ୍ତା ଓ ବଣିକ ସଂଘ ସଭାପତି ରଶ୍ମିରଞ୍ଜନ ଚଲାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ଖେଳାଳି ବିନୋଦ ଅଗ୍ରୱାଲ, ଚିଣ୍ଟୁ ସିଂଦେଓ, ବିଜୟ ବାବୁ, ସୁବୀର ସିଂଦେଓ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖଡ଼ିଆଳ ଯୁବା ମୋର୍ଚ୍ଚା ସଭାପତି ଅଭିଳାଶ ସିଂଦେଓ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ରିତେଶ ବାବୁ, ସମ୍ପାଦକ ପଞ୍ଚାନନ ସେଠି, ରଶ୍ମି ପାଣିଗ୍ରାହୀ, ଆଲୋକ ରଥ, ଅବନୀକାନ୍ତ ମହାପାତ୍ର, ପ୍ରସନ୍ନ ମହାଣା, ବାବୁନ ବିଶୋଇ, ବିଜୁ ସେଠି, ଶିବପ୍ରକାଶ ଝା ପ୍ରମୁଖ ସକ୍ରିୟ ଭାବେ ପରିଚାଳନା କରିଥିଲେ। ସରୋଜ ପଣ୍ଡା, ସୌରଭ ପଣ୍ଡା, ତାପସ ପତି ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ଦଳକୁ ରନର୍ସ ଅଫ ଟ୍ରଫି ପ୍ରଦାନ କରାଯାଇଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ତୁଣ୍ଡଲା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକଲିଙ୍ଗ ଗହିର ରହିଥିଲେ। ଅଧାପକ ବିଭୂଦେନ୍ଦୁ ମହାନ୍ତି ସଭା ପରିଚାଳନା ଏବଂ ତାଲିମ ଶିବିର ସଂଯୋଜକ ଭାବେ ସନ୍ତୋଷ କୁମାର ଭୋଇ ରହିଥିଲେ। ତାଲିମରେ ୬୨ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବେ କୁସୁର୍ଲା ଅମର କଲେଜ ଛାତ୍ରୀ ଦିବ୍ୟଭାରତୀ ମାଝି ଯୋଗଦେଇଥିଲେ। ଜିତେନ୍ଦ୍ରିୟ ବାରିକ, ଦୈତାରୀ ପଧାନ, ସୁରେନ୍ଦ୍ର ପଧାନ, ଉଜ୍ଜ୍ୱଳ ପଧାନ, କାର୍ତ୍ତିକ ହରିଜନ, ପ୍ରଫୁଲ୍ଲ ହରିଜନ, ଭୈରବ ବେହେରା, ନବୀନ କୁମାର ଗହୀର ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ସଞ୍ଜୀବ କୁମାର ପାଣିଗ୍ରାହୀ ଛାତ୍ରୀଙ୍କୁ କିଭଳି ଭାବେ ନିଜକୁ ନିଜେ ବିପଦ ମୁକ୍ତ ହୋଇପାରିବେ ତାହା ବୁଝାଇଥିଲେ।

# ୧୧ ଦିନରେ ତାଲା ବନ୍ଦ ଆନ୍ଦୋଳନ

**ବେହେରା,୧୩।୧(ଡି.ଏନ.ଏ.)**

**ବେହେରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ଶିକ୍ଷକ ନିଯୁକ୍ତି ଦାବି ଜିଦ୍‌ରେ ଅଟଳ ଗ୍ରାମବାସୀ
- ତାଲା ବନ୍ଦ ଯେତେଦିନ କଲେ ମଧ୍ୟ ଶିକ୍ଷକ ଦିଆଯିବ ନାହିଁ- ଶିକ୍ଷାଧିକାରୀ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଗୁଡା ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଦାବି ନେଇ ଚାଲିଥିବା ତାଲା ବନ୍ଦ ଆନ୍ଦୋଳନକୁ ୧୧ ଦିନ ବିତିଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ। ଗୋଟିଏ ପଟେ ଗ୍ରାମବାସୀ ଶିକ୍ଷକ ଦାବି ନେଇ ଜିଦ୍‌ରେ ଅଡି ବସିଥିବା ବେଳେ କଳାହାଣ୍ଡି ଶିକ୍ଷାଧିକାରୀଙ୍କ ବୟାନ ଅଧିକ ଜଟିଳ କରିଛି। ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀ ଶୁଶାନ୍ତ କୁମାର ଚୋପଦାରଙ୍କୁ ଶିକ୍ଷକ ଯୋଗାଇଦେବାକୁ ଅନୁରୋଧ କରିଥିଲେ, ନଚେତ ତାଲାବନ୍ଦ ଆନ୍ଦୋଳନ କରିବାକୁ ତାଗିଦ୍ କରିବାରୁ ଶିକ୍ଷାଧିକାରୀ ଶିକ୍ଷକ ଦିଆଯିବ ନାହିଁ, ତମେ ଯାହା କରିବା କଥା କର ବୋଲି ଫୋନରେ ଯୋଗେରୋକ୍ ଠୋକ୍ ଶୁଣାଇ ଦେଇଥିବା ଅଭିଯୋଗ ହୋଇଛି। ଯାହାର ଏକ ଅଡିଓ ମଧ୍ୟ ଭାଇରାଲ୍ ହେଉଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ଏ ବିଷୟ ନେଇ ତାଙ୍କୁ ପଚାରିବାରୁ ଗଣିତ ଫର୍ମୁଲା ପ୍ରୟୋଗ କରି ବେହେରାଗୁଡା ବିଦ୍ୟାଳୟରେ ୮ଶ୍ରେଣୀକୁ ୧୦ଟି ଶିକ୍ଷକ ଓ ୬ଟି ଶ୍ରେଣୀ ଗୃହ, ୪୦୫ ଛାତ୍ରୀଛାତ୍ର ଥିବା ବେଳେ ଉପସ୍ଥାନ ରୁହନ୍ତି ୩୦୦–୩୨୦, ଯାହା ପିଲାଙ୍କ ତୁଳନାରେ ଶିକ୍ଷକ ଯଥେଷ୍ଟ। ତେଣୁ ଗାଁ ଲୋକଙ୍କ ଦାବିରେ କୌଣସି ଯଥାର୍ଥ ନାହିଁ ବୋଲି କହିଛନ୍ତି। ଶିକ୍ଷାଧିକାରୀଙ୍କ ଶିକ୍ଷା ନୀତି ହିସାବରେ ୬ଟି ଶ୍ରେଣୀରେ ୬ଶିକ୍ଷକ ପାଠ ପଢାଉଥିବା ବେଳେ ବାକି ୪ ଶିକ୍ଷକ ବସି ରହିବା ସରକାରଙ୍କ ଶିକ୍ଷା ନୀତିକୁ ଫେଲ ମାରୁଛି। ଏହା ପୂର୍ବରୁ ୬ମାସ ତଳେ ୧୩ଦିନ ଅନଦୋଳନରେ ବସିଥିଲେ ଗ୍ରାମବାସୀ। ୫ଜଣ ଶିକ୍ଷକ ପୂରଣ କରିବାକୁ ପ୍ରତଶ୍ରୁତି ଦେଇ ୩ ଶିକ୍ଷକ ଦେଇ ଭୁଲି ଯାଇଥିଲା ଶିକ୍ଷା ବିଭାଗ। ପୁଣି ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବାରୁ ଗ୍ରାମବାସୀ ଅସନ୍ତୁଷ୍ଟ ହୋଇ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭାଗ ସ୍କୁଲ କମିଟି, ଅଭିଭାବକ ଓ ଗ୍ରାମବାସୀ ସହ ଆଲୋଚନା କରି ତାହାର ସମାଧାନ ବ୍ୟବସ୍ଥାକରି ଛାତ୍ରୀଛାତ୍ରମାନଙ୍କ ପାଠପଢା ଯେପେରି ସ୍ୱାଭାବିକ ହୋଇ ପାରିବ ତାହାର ବ୍ୟାବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।





ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ରୋୟଲ କ୍ଲବ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

**ନୂଆପଡ଼ା ଅଫିସ,୧୩।୧**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗନିଆରି ରୋୟଲ କ୍ଲବ ଓ ନେହେରୁ ଯୁବ କେନ୍ଦ୍ର ନୂଆପଡା ମିଳତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋମନା ବିଡିଓ ସୁଶାନ୍ତ କୁମାର ରଣା ମୁଖ୍ୟଅତିଥି, ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ଆଶିଷ କୁମାର ଠାକୁର, ୟଥ ଫର ଏକ୍ସନ ସଭାପତି ମାନସ ରଥ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ଏପିଓ ଜିଲିନ୍ଦର ସାହୁ, ମୁକେଶ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ନ୍ୟାଶନାଲ କଲେଜ ଅଧ୍ୟାପକ ଭୂଖନ ରାମ ଅହିର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମହିଳାଙ୍କୁ ନେଇ ମ୍ୟାଜିକ ଚ୍ୟାୟର ଖେଳ ହୋଇଥିଲା। ଦୁଲମନୀ ନାଗ ପ୍ରଥମ ହୋଇଥିବା ବେଳେ ଯଶୋବନ୍ତି ଧରୁଆ ଦ୍ୱିତୀୟ, ରୂପସିନୀ ଧରୁଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ସ୍ନେହମୟୀ ବାଗ ମାନିଗୁଡା ପ୍ରଥମ, ନଟରାଜ ଡ୍ୟାନ୍ସ ଗ୍ରୁପ ଗନିଆରି ଦ୍ୱିତୀୟ ଓ ରୋୟଲ ଡ୍ୟାନ୍ସ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଟିକେଶ୍ୱର ହଂସ, ଥୟରାମ ହଂସ, ରାମେଶ୍ୱର ନାଗ, ମୋହନ ହଂସ, ସହଦେବ ଥପା, ଲିଙ୍ଗରାଜ ଅଦା, କଷ୍ୟପ ଶଗରିଆ, ଭୋଦେବ ହଂସ, ପରମେଶ୍ୱର ହଂସ, ଗିରିଧାରି ହଂସ, କେଶବ ହଂସ, ପିଙ୍କୁ ନିଆରି, ରିଙ୍କୁ ନିଆରି ପ୍ରମୁଖ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

URGENTLY REQUIRED
SALES EXECUTIVE
Padma Assets Pvt. Ltd. is looking for an immediate placement in Bhubaneswar
REQUIREMENTS: • Age 22 yrs. & above (Male/Female) • Salary- 7000 - 12000 with attractive incentive!!! • MBA • Graduation (Min. 1 Yr. experience in Real Estate Sector) • Must have 2 wheeler & DL
Please send CV with recent photograph
Ph.- 9437216666
Mail: assetspadma@gmail.com

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

GMR Institute of Technology
An Autonomous Institute Affiliated to JNTU-GV, Vizianagaram
GMRIT Training Tomorrow's Engineers Today
FACULTY RECRUITMENT
EMBARK ON AN UNIQUE WORKING EXPERIENCE FOR A BETTER CAREER
Promoted by GMR group, GMRIT is one of the leading Engineering Institutions in the country, which is accredited by NAAC with 'A' Grade and NBA. To strengthen its intellectual capital and create a diversified work culture, it seeks qualified and committed professionals from across the country for the following positions:
Professors/ Associate Professors/ Assistant Professors:

| Department | Qualification & Specializations |
|---|---|
| Computer Science and Engineering/ Information Technology | M.Tech / M.E. (CSE, CSE-AI&ML, CSE-AI&DS and IT) |

Qualifications: Ph.D. from IITs/NITs/Foreign Universities/Reputed Universities and candidates submitted thesis shall be given preference. As per AICTE/UGC norms; Research orientation & Career 1st class.
A COMPLETE WORK – LIFE BALANCE SCENARIO FOR SELF DEVELOPMENT
Interested Candidates are requested to send their detailed resume along with all supporting documents with regard to their qualification, experience and last pay drawn by mail to opportunities@gmrit.edu.in on or before 18th January 2023.
For further details contact: 9866903004 / 9949578454 /9182128714
Please refer to the HR policies in the Institution website for additional benefits.
S/d PRINCIPAL
Visit us at: www.gmrit.org
GMR Nagar, Rajam-532127, Vizianagaram Dist., A.P, Ph.: 08941-251592/593
GMR GROUP–IT/29/PREM ASSOCIATES

आज़ादी का अमृत महोत्सव
G20 भारत 2023 INDIA
କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
EMPLOYEES' PROVIDENT FUND ORGANISATION
(MINISTRY OF LABOUR & EMPLOYMENT , GOVT. OF INDIA)
ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012
E-mail:rourkela@epfindia.gov.in
SLP (C) କ୍ରମାଙ୍କ. 8658-8659/2019 ଉପରେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତା.୦୪.୧୧.୨୦୨୨ରିଖର ରାୟ ସଂଲଗ୍ନ ପାରା - 44(ix) ସହ ପାରା-44(v) ତଥା (vi) ଉପରେ ପ୍ରଦତ୍ତ ନିର୍ଦ୍ଦେଶ ଅନୁପାଳନାର୍ଥେ, ଅନୁଦେଶ
(କ) ନିମ୍ନୋକ୍ତ ପେନ୍‌ସନ୍‌ଭୋଗୀ ସେମାନଙ୍କର ବିକଳ୍ପ (Option) ଦାଖଲ କରିପାରିବେ :
୧. ସେହି ପେନ୍‌ସନ୍‌ଭୋଗୀ, ଯେଉଁମାନେ କର୍ମଚାରୀ ଥିବା ସମୟରେ କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା-୨୬(୬) ଅନୁଯାୟୀ ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ଅଂଶଦାନ କରିଆସୁଥିଲେ, ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ର ସଦସ୍ୟ ଭାବରେ ପ୍ରାକ୍‌ସଂଶୋଧିତ ଯୋଜନାର ପାରା-୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ନିଜର ସଂଯୁକ୍ତ-ବିକଳ୍ପପତ୍ର (Joint option) ଦରଜ କରିଥିଲେ, ଏବଂ
୩. ସେମାନଙ୍କର ଏହି ବିକଳ୍ପପତ୍ର ଭବିଷ୍ୟନିଧି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଗ୍ରାହ୍ୟ ହୋଇଯାଇଥିଲା।
(ଖ) ଉପରୋକ୍ତ ପେନ୍‌ସନ୍‌ଭୋଗୀମାନେ ନିମ୍ନପ୍ରଦତ୍ତ ଦସ୍ତାବିଜ ନିଶ୍ଚିତ ଦାଖଲ କରିବେ :
୧. କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା-୨୬(୬) ଅନୁଯାୟୀ ସଂଯୁକ୍ତ-ବିକଳ୍ପ ପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ ଅନ୍ତର୍ଗତ ପ୍ରାକ୍‌ସଂଶୋଧିତ ଯୋଜନାର ପାରା-୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ଦାଖଲ ହୋଇଥିବା ସଂଯୁକ୍ତ-ବିକଳ୍ପପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା, ଏବଂ
୩. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ଭବିଷ୍ୟନିଧିରେ ଅଂଶଧନ ପୈଠ କରିଥିବାର ପ୍ରମାଣ ଏବଂ
୪. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ପେନ୍‌ସନ୍ ପାଣ୍ଠିରେ ଅଂଶଧନ ପୈଠ କରିଥିବାର ପ୍ରମାଣ, ଯଦି ଥାଏ, ଏବଂ
୫. ଭବିଷ୍ୟନିଧି ସଂଗଠନର ସହକାରୀ ଭବିଷ୍ୟନିଧି ଆୟୁକ୍ତ ବା ତଦୁଚ୍ଚ ଅଧିକାରୀଙ୍କ ଦ୍ୱାରା ଏଭଳି ଅନୁରୋଧ କିମ୍ବା ପୈଠ ଅଂଶଧନକୁ ଗ୍ରହଣ କରିନଥିବାର ଅଗ୍ରାହ୍ୟପତ୍ର।
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ,
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା
SAI/RKL/0005/23

# ଜାତୀୟ ଯୁବ ଦିବସ ପାଳିତ

ବାଉଁଶୁଣୀ, ୧୩ା୧(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବୌଦ୍ଧ ଆନୁକୂଲ୍ୟରେ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଏକ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଭାତୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୁବ କର୍ମଶାଳାରେ ସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ଡା. ପ୍ରିୟବ୍ରତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଲିପାରାଣୀ ପ୍ରଧାନ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ଅଧ୍ୟାପକ ଭୀମଚରଣ ପାଣିଗ୍ରାହୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଦର୍ଶକୁ ପାଥେୟ କରି ନିଜକୁ ଗଢିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ କର୍ମଶାଳା ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ଶତପଥି ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ସୋନାଲି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆକର୍ଷଣ ସାଜିଲା ସାଂସ୍କୃତିକ କାର୍ଯ୍ୟକ୍ରମ

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

■ ମଞ୍ଚରେ ହକି ବିଶ୍ୱକପ୍ ମ୍ୟାଚର ସିଧା ପ୍ରସାରଣ ଦେଖିଲେ ଦର୍ଶକ

ବୌଦ୍ଧ, ୧୩ା୧(ସ୍ୱ.ପ୍ର.)



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

ପରମ୍ପରା ଓ ସଂସ୍କୃତିର ବାର୍ତ୍ତା ନେଇ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ବୟନିକା ହସ୍ତତନ୍ତ ପ୍ରଦର୍ଶନୀର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଆୟୋଜିତ ସଭାରେ ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ସତ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ଅତିଥିଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର ଯୋଗଦେଇଥିଲେ। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଚଳିତବର୍ଷ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସହିତ ଯୋଡି ହୋଇଛି ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ୍ର ପ୍ରଦର୍ଶନୀ। ଫଳରେ ଚଳିତବର୍ଷ ମହୋତ୍ସବ ଅଧିକ ସୁନ୍ଦର ଆକର୍ଷଣୀୟ ହୋଇଛି। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ପ୍ରଥମେ ମଞ୍ଚରେ ହକି ବିଶ୍ୱକପ୍ ମ୍ୟାଚର ସିଧା ପ୍ରସାରଣ କରାଯାଇଥିଲା। ପରେ ପ୍ରତିଷ୍ଠିତ ଅନୁଷ୍ଠାନଗୁଡିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ବରପଦର ବଉଳି ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଡା. ରଶ୍ମିରେଖା ଦାଶ ଓ ସାଥିଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ମଞ୍ଚକୁ ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପରିଚାଳନା କରିଥିଲେ। ମହୋତ୍ସବରେ ଚଳିତବର୍ଷ ୨୩୦ଟି ଷ୍ଟଲ ଖୋଲାଯାଇଥିବାବେଳେ ସେଥିମଧ୍ୟରେ କେବଳ ବୟନିକା ପକ୍ଷରୁ ୧୧୨ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଉଛି। ମହୋତ୍ସବରେ ଚଳିତବର୍ଷ କଳାହାଣ୍ଡି ଓ ବାଲେଶ୍ୱରର କାଠ କାରିଗରୀ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ଟେରାକୋଟା, ପୁରୀର ଗାଲିଚା, ଯାଜପୁରର ଟସର ଓ ମୟୁରଭଞ୍ଜର ସବାଇ ଇତ୍ୟାଦି ପ୍ରଦର୍ଶିତ ହେବା ସହ ବ୍ରିକ୍ରୟ ହେଉଛି। ଦୁଇ ବର୍ଷ ପରେ କରୋନା କଟକଣା ହଟିବା ପରେ ପୁନର୍ବାର ମେଳା ଆରମ୍ଭ ହୋଇଥିବା ଯୋଗୁ ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ଭିଡ ହେଉଛି।

# ସୋନପୁର କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ସୋନପୁର, ୧୩ା୧(ନି.ପ୍ର.)

ସୋନପୁର କଲେଜ ପରିସରରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୮ ଦିନ ଧରି ଚାଲିଥିବା ଏହି ଶିବିରରେ ଯୁକ୍ତ ୨ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବୁଝାଇବା ସହିତ ଆବଶ୍ୟକ ସ୍ଥଳେ ପୋଲିସକୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ । ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ଯୁକ୍ତ ୨ ପ୍ରଶାସନିକ ମୁଖ୍ୟ ଲେଫ୍ଟନାଣ୍ଟ ଅନନ୍ତ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଡ. ଇତିଶ୍ରୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଚନ୍ଦ୍ରକାନ୍ତି ବିଶ୍ୱାଳ, ନିରୂପମା ରଥ, ନିଳିମା ପ୍ରଧାନ, ଡ. ପ୍ରତିମା ରଥ, ସଙ୍ଘମିତ୍ରା ନାଗ, ଆଶିଷ ଅଗ୍ରୱାଲ, ଅଶ୍ୱିନୀ କୁମାର ହୋତା, ଅଧ୍ୟାପକ ଧୀରେନ୍ଦ୍ର ମିଶ୍ର ଓ କମଳ ହରିପାଲ ପ୍ରମୁଖ ଯୋଗଦାନ କରିଥିଲେ । ମାଷ୍ଟର ଟ୍ରେନର ରଶ୍ମିତା କୁମ୍ଭାର, ଲିଜା ବାଗ ଓ କଲ୍ୟାଣୀ ମେହେର ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ । ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

URGENTLY REQUIRED
SALES EXECUTIVE
Padma Assets Pvt. Ltd. is looking for an immediate placement in Bhubaneswar
REQUIREMENTS: • Age 22 yrs. & above (Male/Female) • Salary- 7000 - 12000 with attractive incentive!!! • MBA • Graduation (Min. 1 Yr. experience in Real Estate Sector) • Must have 2 wheeler & DL
Please send CV with recent photograph
Ph.- 9437216666
Mail: assetspadma@gmail.com

# ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା

ବରପାଲି, ୧୩ା୧(ଡି.ଏନ.ଏ.)

ସ୍ଥାନୀୟ ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସି.ଟି.ଓ ତୃପ୍ତିମୟୀ ପ୍ରଧାନ ଉତ୍ତରାଖଣ୍ଡରେ ପ୍ରାୟ ୧୩୦୦୦ ଫୁଟ ଉଚ୍ଚ ହିମାଳୟ ପର୍ବତ ଆରୋହଣ କରିଛନ୍ତି। ହିମାଳୟ ଇଣ୍ଡିଆନ ମାଉଣ୍ଟେନିଂ ଫାଉଣ୍ଡେଶନ (ଆଇଏମଏଫ) ନୂଆଦିଲ୍ଲୀ ପକ୍ଷରୁ ଅନୁମତି ପାଇବା ପରେ ସେ ପିପଲକୋଟିରୁ ଜୋସିମାଥ ଓ ପରେ ଜୋସିମାଥରୁ ଗୁଆଲିଙ୍ଗ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଥମ ବେସ୍ କ୍ୟାମ୍ପ ଗୁଆଲିଙ୍ଗରେ ଥିଲା। ପରଦିନ ଗୁଆଲିଙ୍ଗରୁ କୁଲାରା ପର୍ଯ୍ୟନ୍ତ ଯାତ୍ରା କରିଥିଲେ ଏବଂ ଦ୍ୱିତୀୟ ଶିବିର କୁଲାରାରୁ କୁଆରି ପାସ୍ ଉପରକୁ ଯାଇ ସେଠାରୁ ସେ ଫେରିଥିଲେ। ହିମାଳୟ ପର୍ବତାରୋହଣ ଅଭିଯାନ ପ୍ରାୟ ୩୮କିଲୋମିଟର ରାସ୍ତାକୁ ସମୁଦାୟ ୬ ଦିନ ସମୟ ତାଙ୍କୁ ଲାଗିଥିଲା। ଏହି ସଫଳତା ପାଇଁ ତୃପ୍ତିମୟୀଙ୍କୁ ଏଞ୍ଜେଲ୍‌ସ ଏକାଡେମୀର ପରିଚାଳନା ସମିତି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁ ବର୍ଗ ସମ୍ବର୍ଦ୍ଧନା ଦେଇଛନ୍ତି ।



ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ବୋଡ଼ାସମ୍ବର କ୍ରିକେଟ: ସେମିରେ ଛତିଶଗଡ଼




ପଦ୍ମପୁର ଏନ୍ଏସି ଅଧ୍ୟକ୍ଷା ଛତିଶଗଡ଼ ଦଳର ଶଶାଙ୍କଙ୍କୁ ପୁରସ୍କୃତ କରୁଛନ୍ତି।

ପଦ୍ମପୁର, ୧୩ା୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ଚାଲିଥିବା ୨୭ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍ ଟୁର୍ନାମେଣ୍ଟର ଶୁକ୍ରବାର ପଞ୍ଚମ ଦିବସରେ ୱେଷ୍ଟବେଙ୍ଗଲ ସାଇଲତା ଓ ଛତିଶଗଡ଼ ଫରେଷ୍ଟ କ୍ଲବ ମଧ୍ୟରେ ପୋଲ୍ 'ବି'ର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ଆରମ୍ଭରେ ପ୍ରଥମେ ଛତିଶଗଡ଼ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୩ ଉଇକେଟ ବିନିମୟରେ ୩୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟବେଙ୍ଗଲ ଟିମ୍ ୩୧୬ ରନ୍‌ର ଲକ୍ଷ୍ୟ ନେଇ ମ୍ୟାଚ୍‌ରେ ସମସ୍ତ ଉଇକେଟ ହରାଇ ୨୩.୨ ଓଭରରେ ମାତ୍ର ୧୯୪ ରନ ସଂଗ୍ରହ କରିପାରିଥିଲା । ଫଳରେ ୨୨୧ ରନରେ ଛତିଶଗଡ଼ ଦଳ ବିଜୟୀ ହୋଇ ପୋଲ୍ 'ବି'ର ସେମିଫାଇନାଲକୁ ପ୍ରବେଶ କରିଛି। ଛତିଶଗଡ଼ ଦଳର ଶଶାଙ୍କ ଚନ୍ଦ୍ରକାର ୫୭ ବଲରେ ୧୧୧ ଓ କ୍ରିତିଶ ସାହୁ ୭୨ ବଲରେ ୧୦୩ ରନ ସଂଗ୍ରହ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପଦ୍ମପୁର ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, କାଉନସିଲର ଭାରତୀ ପଟ୍ଟନାୟକ, ପ୍ରିୟ ରଞ୍ଜନ ଭୋଇ, ସଂଯୁକ୍ତା ପୃଷ୍ଟି, କ୍ଷୀର ସାନବର୍ଷା, କବିତା ସେଠ ପ୍ରମୁଖଙ୍କ ଉପସ୍ଥିତିରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକାରଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ଅମ୍ପାୟାର ବିଶ୍ୱମ୍ବର ମହାକୁଡ ଓ ଚନ୍ଦ୍ରକାନ୍ତ ପାଢୀ ପରିଚାଳନା କରିଥିବା ବେଳେ ଅମରେଶ ବେହେରା ଓ ରିଙ୍କୁ ସିଂହ ସ୍କୋରର ଥିଲେ। ଆସନ୍ତା ଶନିବାର ପୋଲ 'ବି'ର ସେମିଫାଇନାଲ କଟକ ଓ ଛତିଶଗଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
• ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
• ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to :
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

GMR Institute of Technology
An Autonomous Institute Affiliated to JNTU-GV, Vizianagaram
GMRIT Training Tomorrow's Engineers Today
FACULTY RECRUITMENT
EMBARK ON AN UNIQUE WORKING EXPERIENCE FOR A BETTER CAREER
Promoted by GMR group, GMRIT is one of the leading Engineering Institutions in the country, which is accredited by NAAC with 'A' Grade and NBA. To strengthen its intellectual capital and create a diversified work culture, it seeks qualified and committed professionals from across the country for the following positions:
Professors/ Associate Professors/ Assistant Professors:

| Department | Qualification & Specializations |
|---|---|
| Computer Science and Engineering/ Information Technology | M.Tech / M.E. (CSE, CSE-AI&ML, CSE-AI&DS and IT) |

Qualifications: Ph.D. from IITs/NITs/Foreign Universities/Reputed Universities and candidates submitted thesis shall be given preference. As per AICTE/UGC norms; Research orientation & Career 1st class.
A COMPLETE WORK – LIFE BALANCE SCENARIO FOR SELF DEVELOPMENT
Interested Candidates are requested to send their detailed resume along with all supporting documents with regard to their qualification, experience and last pay drawn by mail to opportunities@gmrit.edu.in on or before 18th January 2023.
For further details contact: 9866903004 / 9949578454 /9182128714
Please refer to the HR policies in the Institution website for additional benefits.
S/d PRINCIPAL
Visit us at: www.gmrit.org
GMR Nagar, Rajam-532127, Vizianagaram Dist., A.P, Ph.: 08941-251592/593
GMR GROUP-IT/29/PREM ASSOCIATES

# ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଇକମାଳ, ୧୩ା୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ସାଲେପାଲି ସ୍ଥିତ ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବ୍ଲକ ଅଧ୍ୟକ୍ଷ ଭାବନା ସିଂ, ପୂର୍ବତନ ଛାତ୍ର ଟାଇଲ ଭୋଇ ସମ୍ମାନିତ ଅତିଥି, ସୁନ୍ଦରଗଡ ଜେବି ଡିଗ୍ରୀ କଲେଜର ଅଧ୍ୟାପକ ଡ. କେଦାର ନାଥ ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପରିଶ୍ରମ କରି ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜେନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ସୁନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତହସିଲଦାରଙ୍କୁ ଦଳିତ ସେନା ପକ୍ଷରୁ ଦାବିପତ୍ର

ବରପାଲି, ୧୩ା୧ (ଡି.ଏନ୍.ଏ.)

ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା ଗ୍ରାମ ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ଆଦିବାସୀ, ଓବିସି ଓ ଦଳିତ ଗରିବ ଭୂମିହୀନ ପରିବାରକୁ ନେଟ ଜମି ପଟ୍ଟା ପ୍ରଦାନ ଓ ଘରଡିହ ଦଖଲ ଦାବି ନେଇ ଦଳିତ ସେବା ପକ୍ଷରୁ ଶୁକ୍ରବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରପାଲି ତହସିଲଦାର କିମ୍ବା ପ୍ରଶାସନ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିରାଟ ଆନ୍ଦୋଳନ କରାଯିବ ବୋଲି ଆଦିବାସୀ ନେତା ତ୍ରିଲୋଚନ ଭୁଏ ପ୍ରକାଶ କରିଛନ୍ତି।

ଗ୍ରୀଣ୍ଡୋଲା ଗ୍ରାମର ଆଦିବାସୀ, ଓବିସି ଓ ଦଳିତ ଗରିବ ଭୂମିହୀନ ୮୦ପରିବାର ୪୦ବର୍ଷରୁ ଉର୍ଦ୍ଧ୍ୱ ହେବ ସରକାରଙ୍କ ଠାରୁ ସିଲିଂ ଜମି ପାଇଛନ୍ତି। ଦଖଲ ମଧ୍ୟ କରି ଆସୁଛନ୍ତି। ହେଲେ ସେମାନଙ୍କ ନାମରେ ନେଟ ପଟ୍ଟା ନ ହେବାରୁ ଧାନ ବିକ୍ରି କରି ପାରୁନାହାଁନ୍ତି। ସେହିପରି ୪ ଡିସିମିଲର ଘରଡିହ ପଟ୍ଟା ୫୫ ପରିବାର ପାଇଛନ୍ତି। ସମସ୍ତଙ୍କୁ ଦଖଲ ବି ମିଳୁନାହିଁ। ସିଲିଂ ଜମିର ନେଟ ପଟ୍ଟା ପ୍ରଦାନ କରିବା ଓ ୪ ଡିସିମିଲର ଘରଡିହ ଦଖଲ ପ୍ରଦାନ କରିବା ପାଇଁ ଦୀର୍ଘ ଦିନ ଧରି ବରପାଲି ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଦାବି ହୋଇଆସୁଛି। ବାରମ୍ବାର ଦାବିପତ୍ର ମଧ୍ୟ ଦେଇ ଆସୁଛନ୍ତି। ଗତ ୨୦୨୧ ନଭେମ୍ବର ୩୦ରେ ଗ୍ରୀଣ୍ଡୋଲା ଗ୍ରାମର ହିତାଧିକାରୀ ଆଦିବାସୀ ମହିଳା ଦୁଇ ଜଣ ପାଞ୍ଚଦିନ ଧରି ଆମରଣ ଅନଶନରେ ବସିଥିଲେ। ଓଡ଼ିଶା ଆଦିବାସୀ ଓବିସି ଦଳିତ ସେନା ସମର୍ଥନ ଜଣାଇଥିଲା। ବରପାଲିର ତତ୍କାଳୀନ ତହସିଲଦାର ଅକ୍ଷୟ କୁମାର ବାଘ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦେବା ପାଇଁ ଓ ସିଲିଂ ଜମିର ନେଟ ପଟ୍ଟା ତିନି ମାସ ଭିତରେ ପ୍ରଦାନ କରିବା ପାଇଁ ଓଡ଼ିଶା ଆଦିବାସୀ ଓବିସି ଦଳିତ ସେନା ବରପାଲି ବ୍ଲକ ସଂଘକୁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗୋଟିଏ ବର୍ଷ ବିତିଗଲା ପରେ ବି କିଛି କାର୍ଯ୍ୟକାରୀ କରିଲେ ନାହିଁ। ତେଣୁ ପୁଣି ଥରେ ଉକ୍ତ ଦାବିନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଆଦିବାସୀ ଓବିସି ଦଳିତ ସେନାର ବରପାଲି ବ୍ଲକ ସଭାପତି ତ୍ରିଲୋଚନ ଭୁଏ, ଗ୍ରୀଣ୍ଡୋଲା ଗ୍ରାମର ହିତାଧିକାରୀ ପ୍ରତାପ ରାଏ, ନନ୍ଦଲାଲ ସେଠ, ମହେନ୍ଦ୍ର ସେଠ, ବୁଦ୍ଧୁ ରଣା, ଅଶ୍ୱିନୀ ସାହୁ, ସହଦେବ ସେଟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଆଜିଠୁ ସୁବର୍ଣ୍ଣ ଲୋକ ମହୋତ୍ସବ

## ଲୋକନୃତ୍ୟ, ଓଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିବେ ଦର୍ଶକ

ସୋନପୁର, ୧୩ା୧(ନି.ପ୍ର.)



ଖବରଦାତା ସମ୍ମିଳନୀରେ ଜିଲାପାଳ ଅବୋଲି ସୁନୀଲ ନରୱଣେ ସୂଚନା ଦେଉଛନ୍ତି ।

ସୋନପୁର ସହର ରାମେଶ୍ୱର ଷ୍ଟାଡିୟମ ଠାରେ ଶନିବାର ଠାରୁ ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୩ ଆରମ୍ଭ ହେବ । ଏହି ମହୋତ୍ସବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମହୋତ୍ସବ ପାଇଁ ଫକୀର ପଟ୍ଟନାୟକ ମୁକ୍ତ ମଞ୍ଚ ସହିତ ଓ ଅନ୍ୟାନ୍ୟ ପ୍ରସ୍ତୁତି ସରିଛି । ଏହି ଅବସରରେ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା କଳା ସଂସ୍କୃତି ସଂଘ ଓ ଓରମାସର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହେଉଛି। ୧୪, ୧୫ ଓ ୧୬ ତାରିଖ ତିନି ଦିନ ଧରି ଲୋକ ମହୋତ୍ସବ ଏବଂ ୧୪ ରୁ ୧୮ ତାରିଖ ୫ ଦିନ ଧରି ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ମହୋତ୍ସବ ଓ ମେଳାରେ ଜିଲାର କଳା, ସଂସ୍କୃତି, କୃଷି, ହସ୍ତତନ୍ତ, ଐତିହ୍ୟ ଓ ବୟନଶିଳ୍ପ ପ୍ରଦର୍ଶିତ ହେବ । ଏଥିପାଇଁ ଷ୍ଟାଡିୟମ ପରିସରରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଷ୍ଟଲ ଲାଗିଛି। ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ, ଜିଲାସ୍ତରୀୟ କୃଷି ମେଳା ସହିତ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲରେ ସ୍ଥାନ ପାଇବ। ପ୍ରସିଦ୍ଧ ଓଡିଶୀ ନୃତ୍ୟ ଶିଳ୍ପୀ ସୁଜାତା ମହାପାତ୍ର ଓଡିଶୀ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଓଲିଉଡ କଳାକାର ଅଭିଜିତ ମଜୁମଦାର ଓ ସଞ୍ଜୁ ମହାନ୍ତିଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିସହିତ ରାଜ୍ୟର ବିଭିନ୍ନ ଜିଲାର କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଅବୋଲି ସୁନିଲ ନରୱଣେ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ସୂଚନା ଦେଇଛନ୍ତି । ଜିଲାର ପ୍ରତିଷ୍ଠିତ ଅନୁଷ୍ଠାନର କଳାକାରମାନଙ୍କୁ ଲୋକକଳା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଜିଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା ତଥା ନୃତ୍ୟ ଗୀତର ଏହି ବର୍ଣ୍ଣାଢ୍ୟ ପର୍ବ ପାଇଁ ସମସ୍ତ ପୂର୍ବ ପ୍ରସ୍ତୁତି ସରିଛି। ମହୋତ୍ସବ ଉଦ୍‌ଘାଟନ ଅବସରରେ ଶନିବାର ସକାଳ ୯ଟାରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଆବାହନ ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ରାମେଶ୍ୱର ଷ୍ଟାଡିୟମରେ ପହଞ୍ଚିବ। ଏହି ଅବସରରେ ସ୍ମରଣିକା ଶାକ୍ତସ୍ୱର ଉନ୍ମୋଚିତ ହେବ । ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସ ଜାରି ରହିଥିବା ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂର୍ଯ୍ୟନାରାୟଣ ଦାଶ କହିଥିଲେ । ଅତିରିକ୍ତ ଜିଲାପାଳ(ସାଧାରଣ) ନିଶି ପୁନମ ମିଞ୍ଜ, ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ଜାମଟିକ୍ରା, ୧୩ା୧(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ଦଶମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଓଡିଆ ଅଧ୍ୟାପକ ଡଃ ସୁଶାନ୍ତ କୁମାର ପୂଜାରୀ ମୁଖ୍ୟବକ୍ତା, ଲଛିପୁର କଲେଜର ଅଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଭାପତିତ୍ୱ କରିଥିଲେ ସ୍କୁଲ ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ। ବାର୍ଷିକ ବିବରଣୀ ପଠନ କରିଥିଲେ ସ୍କୁଲ ସମ୍ପାଦକ ହୃଦାନନ୍ଦ ବେହେରା। ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ମୁକୁନ୍ଦ ମହାଣା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

आज़ादी का अमृत महोत्सव
G20 भारत 2023 INDIA
କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
EMPLOYEES' PROVIDENT FUND ORGANISATION
(MINISTRY OF LABOUR & EMPLOYMENT , GOVT. OF INDIA)
ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012
E-mail:rourkela@epfindia.gov.in
SLP (C) କ୍ରମାଙ୍କ. 8658-8659/2019 ଉପରେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତା.୦୪.୧୧.୨୦୨୨ରିଖର ରାୟ ସଂଲଗ୍ନ ପାରା - 44(ix) ସହ ପାରା- 44(v) ତଥା (vi) ଉପରେ ପ୍ରଦତ୍ତ ନିର୍ଦ୍ଦେଶ ଅନୁପାଳନାର୍ଥେ, ଅନୁଦେଶ
(କ) ନିମ୍ନୋକ୍ତ ପେନ୍‌ସନ୍‌ଭୋଗୀ ସେମାନଙ୍କର ବିକଳ୍ପ (Option) ଦାଖଲ କରିପାରିବେ :
୧. ସେହି ପେନ୍‌ସନ୍‌ଭୋଗୀ, ଯେଉଁମାନେ କର୍ମଚାରୀ ଥିବା ସମୟରେ କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା- ୨୬(୬) ଅନୁଯାୟୀ ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ଅଂଶଦାନ କରିଆସୁଥିଲେ, ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ର ସଦସ୍ୟ ଭାବରେ ପ୍ରାକ୍‌ସଂଶୋଧିତ ଯୋଜନାର ପାରା- ୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ନିଜର ସଂଯୁକ୍ତ- ବିକଳ୍ପପତ୍ର (Joint option) ଦରଜ କରିଥିଲେ, ଏବଂ
୩. ସେମାନଙ୍କର ଏହି ବିକଳ୍ପପତ୍ର ଭବିଷ୍ୟନିଧି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଗ୍ରାହ୍ୟ ହୋଇଯାଇଥିଲା ।
(ଖ)ଉପରୋକ୍ତ ପେନ୍‌ସନ୍‌ଭୋଗୀମାନେ ନିମ୍ନପ୍ରଦତ୍ତ ଦସ୍ତାବିଜ ନିଶ୍ଚିତ ଦାଖଲ କରିବେ :
୧. କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା- ୨୬(୬) ଅନୁଯାୟୀ ସଂଯୁକ୍ତ-ବିକଳ୍ପ ପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ ଅନ୍ତର୍ଗତ ପ୍ରାକ୍‌ସଂଶୋଧିତ ଯୋଜନାର ପାରା- ୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ଦାଖଲ ହୋଇଥିବା ସଂଯୁକ୍ତ- ବିକଳ୍ପପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା, ଏବଂ
୩. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ଭବିଷ୍ୟନିଧିରେ ଅଂଶଧନ ପୈଠ କରିଥିବାର ପ୍ରମାଣ ଏବଂ
୪. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଉର୍ଦ୍ଧ୍ୱ ଦରମା ଉପରେ ପେନ୍‌ସନ୍ ପାଣ୍ଠିରେ ଅଂଶଧନ ପୈଠ କରିଥିବାର ପ୍ରମାଣ, ଯଦି ଥାଏ, ଏବଂ
୫. ଭବିଷ୍ୟନିଧି ସଂଗଠନର ସହକାରୀ ଭବିଷ୍ୟନିଧି ଆୟୁକ୍ତ ବା ତଦୁଚ୍ଚ ଅଧିକାରୀଙ୍କ ଦ୍ୱାରା ଏଭଳି ଅନୁରୋଧ କିମ୍ବା ପୈଠ ଅଂଶଧନକୁ ଗ୍ରହଣ କରିନଥିବାର ଅଗ୍ରାହ୍ୟପତ୍ର ।
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ,
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା
SAI/RKL/0005/23

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ବ୍ଲକ କୁତୁରାଚୁଆଁ ଜୁନିୟର କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭାପରିଚାଳନା କରିଥିଲେ। ତାଲିମ ଗ୍ରହଣ କରିଥିବା ୪୭ ଜଣ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ତାଲିମ ଶିବିର ସଂଯୋଜିକା ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଟଗାଁ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ନାକଟିଦେଉଳ,୧୩।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ବର୍ଷର ୬୪ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଦୀପାଞ୍ଜଳି ବାର୍ଲା ତାଲିମ ପ୍ରଦାନ କରିଥିଲେ। କଲେଜ ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପତିତ ମହାନନ୍ଦ ଅତିଥି ଭାବେ ଯୋଗଦେଇ ତାଲିମର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅଧାପିକା ସୁବାଷିନୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧାପକ ଶରତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ କଲେଜ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଉଚ୍ଚମାଧମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପଡିଆବାହାଲ,୧୩।୧(ଡି.ଏନ.ଏ.):** ମାନେଶର ବ୍ଲକ ନୂଆତିହୁରା ପଞ୍ଚାୟତ ମୁରାସ୍ଥିତ ଦ୍ୱାରିକା ପ୍ରସାଦ ଆଗ୍ରୱାଲା ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଧେଶ୍ୟାମ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ୍ ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା, ମାନେଶର ବ୍ଲକ ଚେୟାରମ୍ୟାନ ରୁକ୍ମଣୀ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ଯତୀନ୍ଦ୍ର ପଧାନ ଓ କ୍ରୀଡା ଶିକ୍ଷକ ମାନଭଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ତ୍ରିବେଣୀ ମିର୍ଦ୍ଧା ଓ ବବଲୁ ପଧାନ ଏ ବର୍ଷର ଚାମ୍ପିୟନ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ। ଅଧାପକ ଦେବେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

### ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ

**ସମ୍ବଲପୁର,୧୩।୧(ବ୍ୟୁରୋ):** ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଅଧ୍ୟାପକ ଡମ୍ବରୁଧର ପଟ୍ଟନାୟକ ସମୀକ୍ଷକ ଭାବେ ଯୋଗଦେଇଥିଲେ। ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ରଚିତ ସମ୍ବଲପୁରୀ ଭାଷାରେ ଦାଶେ ମିଶ୍ରେ ବହିଦାରେ, ଇଂରାଜୀ ଭାଷାରେ ଡାଏରୀ ଅଫ ଲେଡି ଅଫ ଏ ପଲିଟିକାଲ ଏଜେଣ୍ଟ ଅଫ ସମ୍ବଲପୁର ତଥା ସମ୍ବଲପୁରର ଡାକ, ରେଳବାଇ ଓ ପୋଲିସକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚିତ୍ରଗୁପ୍ତ କଲ୍ୟାଣ ସଂଘ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ରତନ ବହିଦାର ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଜମନକିରା,୧୩।୧(ଡି.ଏନ.ଏ.):** ଜମନକିରା ବ୍ଲକ ଭୋଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଡବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ପରିଷଦ ଜୋନ ୨ ସଭ୍ୟା ତନୟା ଧୁରୁଆ ମୁଖ୍ୟଅତିଥି, ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟ ଅଧାପିକା ଅରୁଣା ମିଶ୍ର ମୁଖ୍ୟବକ୍ତା ଓ ପ୍ରକାଶ ଚନ୍ଦ୍ର ମାଝି, ଶିକ୍ଷା ବିକାଶ ପରିଷଦର ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, କୋଷାଧକ୍ଷ କୃଷ୍ଣ ଚନ୍ଦ୍ର ତରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠନ କରିଥିବାବେଳେ ଉପସଭାନେତ୍ରୀ ଉପମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳ ଦ୍ୱାରା ସାଇକେଲ ବଣ୍ଟନ

**ସମ୍ବଲପୁର,୧୩।୧(ବ୍ୟୁରୋ):** ମକର ସଂକ୍ରାନ୍ତି ଅବସରରେ ମହାନଦୀ କୋଇଲା କମ୍ପାନୀ ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଶୁକ୍ରବାର ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ପଦ୍ମଜା ସିଂ, ଉପସଭାନେତ୍ରୀ ସରିତା ପଟେଲ ଓ ରଶ୍ମି ବେହୁରା ଯୋଗଦେଇ ଅଭାବୀ ଲୋକଙ୍କୁ ସାଇକେଲ ବଣ୍ଟନ କରିଥିଲେ।

# ଜେଲରେ ଓକିଲଙ୍କୁ ଭେଟିଲେ ଓଲା ପ୍ରତିନିଧି

■ପରିସ୍ଥିତି ସ୍ୱାଭାବିକ, ହାଇକୋର୍ଟ ଶୁଣାଣିକୁ ଅପେକ୍ଷା

■ବାର୍ କାଉନସିଲ ଅଧକ୍ଷ ନିର୍ବାଚନ ଦାବି

**ସମ୍ବଲପୁର,୧୩।୧(ବ୍ୟୁରୋ)**



ସମ୍ବଲପୁର ଜେଲ ପରିସରରେ ଓଲା ପ୍ରତିନିଧି ଦଳ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ କୋର୍ଟ ପରିସରରେ ଭଙ୍ଗାରୁଜା ସହ ବିଚାରପତିମାନଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଘଟଣାରେ ୩୦ ଓକିଲଙ୍କ ସମେତ ୮ କିନ୍ନର ଓ ଜଣେ ସାଧାରଣ ଲୋକ ଦୀର୍ଘ ଏକମାସ ହେବ ଜେଲରେ ଅଛନ୍ତି। ଏମାନଙ୍କୁ ଭେଟିବା ସହ ସ୍ଥିତି ପରଖିବା ପାଇଁ ଅଲ ଓଡ଼ିଶା ଓକିଲ ସଂଘ (ଓଲା)ର ଏକ ପ୍ରତିନିଧି ଦଳ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିଥିଲେ। ସେମାନେ ଜେଲ ଭିତରେ ଗିରଫ ଓକିଲମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦିପକ କୁମାର ଓ ଜିଲା ଓକିଲ ସଂଘ ସଦସ୍ୟଙ୍କୁ ଭେଟିଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ସେମାନେ କହିଥିଲେ, ଜେଲ ଭିତରେ ଗିରଫ ଓକିଲମାନଙ୍କ ସହ ଆଲୋଚନା ହୋଇଥିଲା। ପରେ ଜିଲାପାଳ ଓ ଆଇଜିଙ୍କୁ ଭେଟି ଘଟଣା ଜାଣିବା ପରେ ସହଯୋଗ କରିବା ଦିଗରେ ଆଲୋଚନା କରାଯାଇଥିଲା। ଓକିଲ ସଂଘ ସଦସ୍ୟମାନଙ୍କ ସହ ଆଲୋଚନା କରି କୋର୍ଟ କାର୍ଯ୍ୟ ଚାଲିବା ଉପରେ କଥାବାର୍ତ୍ତା ହୋଇଥିଲା। କୋର୍ଟ କାର୍ଯ୍ୟ ଏବେ ସ୍ୱାଭାବିକ ଭାବେ ଚାଲିଥିବା ଦେଖିବାକୁ ମିଳିଥିଲା। ହାଇକୋର୍ଟରେ ଗିରଫମାନଙ୍କ ଜାମିନ ପାଇଁ ଆବେଦନ କରାଯାଇଛି। ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇ ନାହିଁ। ଜାମିନ ମିଳିଯିବ ବୋଲି ଆଶା ରହିଛି। ସୁପ୍ରିମକୋର୍ଟରେ ମଧ ପକ୍ଷ ରଖାଯାଇଛି। ରାଜ୍ୟ ବାର୍ କାଉନ୍‌ସିଲ ଅଧକ୍ଷ ନିର୍ବାଚିତ ନ ହେବାରୁ ଏଭଳି ସମସ୍ୟା ହୋଇଥିଲ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ବହୁବର୍ଷର। କେବେ ଏଭଳି ହୋଇ ନ ଥିଲା। ଡିସେମ୍ବର ୧୨ରେ ଘଟିଥିବା ଘଟଣା ଏକ ଦୁର୍ଘଟଣା। ଓକିଲମାନଙ୍କ ସମସ୍ୟା ବାର୍ କାଉନସିଲରେ ଆଲୋଚନା ହୋଇଥାଏ। କିଭଳି ସମସ୍ୟାର ସମାଧାନ କରାଯିବ କାଉନସିଲ ସଦସ୍ୟମାନେ ପରାମର୍ଶ ଦେଇଥାନ୍ତି। ହେଲେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ସମୟରେ କାଉନସିଲ ନ ଥିବାରୁ ପଶ୍ଚିମ ଓଡ଼ିଶା ସମେତ ଅନ୍ୟ ବାର୍ ସଦସ୍ୟମାନେ ଏତେ ବଡ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଶୀଘ୍ର ବାର୍ କାଉନସିଲ ନିର୍ବାଚନ କରାଯାଉ ବୋଲି ସେ ଦାବି କରିଥିଲେ। ପ୍ରତିନିଧି ଦଳରେ ଅଧକ୍ଷ ଜ୍ଞାନରଞ୍ଜନ ମହାନ୍ତି, ବୀରେନ୍ଦ୍ର ପଟ୍ଟନାୟକ, ସଞ୍ଜିତ କୁମାର ପାଣିଗ୍ରାହୀ, ସୁବାସ ମିଶ୍ର, ଭୂପେଶ ପ୍ରଧାନ, ଭିଷ୍ମଦେବ ସରାଫ, ଦିଲୀପ ଦାଶ, ମନୋରଞ୍ଜନ ମହାନ୍ତି, ଦିଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଜିଲାର ଓକିଲ ସଂଘର ସଦସ୍ୟମାନେ ସାମିଲ ଥିଲେ।

# ଆଜିଠାରୁ ଜିଲା ମହୋତ୍ସବ ଧୁଲ୍‌ଧୁଲି



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀମାନେ।

**ଝାରସୁଗୁଡ଼ା ଅଫିସ,୧୩।୧**

ଝାରସୁଗୁଡା ଜିଲା ପ୍ରତିଷ୍ଠାକୁ ୨୯ବର୍ଷ ପୂରିଛି। ଏହି ଅବସରରେ ଶନିବାରଠାରୁ ସହର ମୁଖ୍ୟମାର୍ଗରେ ଥିବା ସରବାହାଲ ହାଇସ୍କୁଲ୍ ପଡିଆରେ ୫ଦିନ ଧରି ଧୁଲଧୁଲି ମହୋତ୍ସବ ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ଡିଏମ୍‌ଏଫ୍ ସମ୍ମିଳନୀ ଗୃହରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ, ତାପସରାୟ ଚୌଧୁରୀ, ଡିଆଇପିଆର୍‌ଓ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସାମଲ ସୂଚନା ଦେଇ କହିଥିଲେ, ଚଳିତବର୍ଷ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୨ଶହ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ କଳା ପରିବେଷଣକୁ ପ୍ରାଧାନ୍ୟ ଦିଆଯିବ। ଜିଲାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ନେଇ ଧୁଲଧୁଲି ନାମକ ସ୍ମରଣିକା ଉନ୍ମୋଚନ ହେବ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଜୟ ଯବାନ କ୍ଲବ୍ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

**ଝାରସୁଗୁଡା ଅଫିସ,୧୩।୧**

ଝାରସୁଗୁଡା ରେଲୱେ କଲୋନୀ ୱାର୍‌ଲେଶ ପଡିଆରେ ୨ଦ୍ୱିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ ଦଳ ଅଂଶଗ୍ରହଣ କରିଥିଲେ। ସରବାହାଲ ଜୟ ଯବାନ କ୍ଲବ୍ ଓ ବେଲପାହାଡ ରାଇଜିଂ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଜୟ ଯବାନ କ୍ଲବ୍ ୧-୦ଗୋଲରେ ରାଇଜିଂ କ୍ଲବ୍‌କୁ ପରାଜିତ କରି ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୧ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଆର୍‌ପିଏଫ୍ ଅଧିକାରୀ ରାକେଶ ମୋହନ, ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ପ୍ରତାପ ବେହେରା, ସୁନିଲ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# କବାଡ଼ି ପ୍ରତିଯୋଗିତା: ସମ୍ବଲପୁର ଚାମ୍ପିୟନ

**ବ୍ରଜରାଜନଗର,୧୩।୧(ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳର ଗୋଲ ଛକସ୍ଥିତ ଓରିଏଣ୍ଟ ପେପର ମିଲ ଦୁର୍ଗାମଣ୍ଡପ ସମ୍ମୁଖରେ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ବ୍ରଜରାଜନଗର ଟାଉନ କ୍ଲବ ପକ୍ଷରୁ ଏକଦିବସୀୟ କବାଡି ପ୍ରତିଯୋଗିତା ଶେଷ ହୋଇଛି। ଏଥିରେ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ବ୍ରଜରାଜନଗର ଓ ସମ୍ବଲପୁର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ୩୪ ପଏଣ୍ଟ ପାଇଥିବା ବେଳେ ବ୍ରଜରାଜନଗର ୨୨ ପଏଣ୍ଟ ପାଇ ହାରିଯାଇଥିଲା। ଉଦ୍‌ଯାପାନୀ ସମାରୋହରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଓ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ, ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରେଫରି ଭାବରେ ସଂଗ୍ରାମ ପାଇକରାୟ, ନିବେଦିତା ପାଇକରାୟ, ନକୁଳ ଯାଦବ ପରିଚାଳନା କରିଥିଲେ।

# ଯୁଯୁମୁରା ହକି ଷ୍ଟାଡିୟମ ଲୋକାର୍ପିତ

**ସମ୍ବଲପୁର,୧୩।୧(ବ୍ୟୁରୋ)**



ଯୁଯୁମୁରା ହକିଷ୍ଟାଡିୟମ ଲୋକାର୍ପଣ କରାଯାଉଛି।

ଯୁଯୁମୁରା ବ୍ଲକବାସୀଙ୍କ ବହୁବର୍ଷର ଦାବି ଆଜି ପୂରା ହୋଇଛି। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁଯୁମୁରାଠାରେ ଏକ ଅତ୍ୟାଧୁନିକ ହକି ଷ୍ଟାଡିୟମ ନିର୍ମାଣ କରିଛନ୍ତି। ରେଢ଼ାଖୋଲ ବିଧାନସଭା ଅଞ୍ଚଳର ହକି ପ୍ରତିଭାଙ୍କୁ ଏହି ଟର୍ଫ ଓ ଷ୍ଟାଡିୟମ ଲାଭଦାୟକ ହେବ। ଷ୍ଟାଡିୟମ ଲୋକାର୍ପଣ କରି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଏହା କହିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, ଉପସଭାପତି ମାଧବ ମିର୍ଦ୍ଧା, କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଜିଲା କ୍ରୀଡା ଅଧିକାରୀ ଲୋପାମୁଦ୍ରା କାଲୋ, ଯୁଯୁମୁରା ବିଡିଓ ନୀଳାମ୍ବର ମହାନନ୍ଦ, ଯୁଯୁମୁରା ବ୍ଲକ ଅଧକ୍ଷା ମମତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଯୁଯୁମୁରା ଓ ବୀରସିଂଗଡ ପଞ୍ଚାୟତର ହକି ଖେଳାଳିମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଯୁଯୁମୁରାଠାରେ ହକିଷ୍ଟାଡିୟମ ନିର୍ମାଣ ନେଇ ମନ୍ତ୍ରୀ ପୂଜାରୀ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। ତତ୍‌କାଳୀନ ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରି ଯୁଯୁମୁରା ହାଇସ୍କୁଲ ଖେଳପଡିଆରେ ଷ୍ଟାଡିୟମ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରାୟ ୪କୋଟି ବ୍ୟୟ ଅଟକଳରେ ନିର୍ମାଣ କାମ ଆରମ୍ଭ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଝାରସୁଗୁଡ଼ା ଅଫିସ,୧୩।୧**

ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ସଞ୍ଜୟ କୁମାର ଝା ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମ୍ବଲପୁର ଗ୍ରାମୀଣ ଜିଲା କାର୍ଯ୍ୟବାହ ସୋମନାଥ କେଶରୀ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ଭାରତୀ ବେହେରା,ଏମ୍‌ସିଏଲ୍ ଅଧିକାରୀ ଏମ୍.କେ. ସିହ୍ନା, ଶିକ୍ଷାବିକାଶ ଜିଲା ପ୍ରମୁଖ ବିଜୟ ଦାସ, ଉପସଭାପତି ମଧୁସୂଦନ ମେହେର, କୋଷାଧ୍ୟକ୍ଷ ଯଶୋବନ୍ତ ପାଲ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସ୍କୁଲ୍ ପରିଚାଳନା କମିଟି ସଭାପତି ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଭିନ୍ନ ରାଉତ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ରାକେଶ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମଧୁସୂଦନ ମେହେର ଧନ୍ୟବାଦ ଦେଇଥିଲେ ।

# ଅର୍ଦ୍ଧନିର୍ମିତ କୋଠାରେ ପୁନଃ ନିର୍ମାଣ କାମ

**ଜମନକିରା,୧୩।୧(ଡି.ଏନ.ଏ.)**

**ତଦନ୍ତ ଦାବି କଲା ଆଞ୍ଚଳିକ ବିକାଶ ପରିଷଦ**

ଜମନକିରା ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଏକ ଅର୍ଦ୍ଧନିର୍ମିତ ଗୃହକୁ ମରାମତି କରି ଛାତ ପକାଯାଉଥିବାରୁ ଗୃହର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ କରି ସଂପୃକ୍ତ ଠିକାସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜମନକିରା ଦୁର୍ନୀତି ନିବାରଣ ମଞ୍ଚ ଏବଂ ବ୍ଲକ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଲାପାଳ ଓ ବିଭାଗୀୟ ସଚିବଙ୍କଠାରେ ଦାବି କରାଯାଇଛି।

ସୂଚନା ଅନୁସାରେ ୨୦୧୪-୧୫ ଆର୍ଥିକ ବର୍ଷରେ କୃଷି ବିଭାଗ ପକ୍ଷରୁ ୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଗୃହ ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଥିଲା। ସେହି ବର୍ଷରେ ଜମନକିରା ଅଞ୍ଚଳର ଜନୈକ ଠିକାଦାର କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ କରିଥିଲେ। ତେବେ ଗୃହ କାର୍ଯ୍ୟ ଆରମ୍ଭରୁ ହିଁ ନିମ୍ନମାନର ହୋଇଥିବା ଜଣାପଡିଥିଲା। ଗୋଡ଼ି ସିମେଣ୍ଟ ଓ ବାଲିର ମିଶ୍ରଣ ଠିକ ନ ଥିବାରୁ କଲମ ଓ ପ୍ଲିନ୍ଥରେ ଛଡ଼ ଦେଖାଯାଉଥିଲା। କୋଠରୀ ଗୁଡିକରେ ବାଲି ସ୍ଥାନରେ ମାଟି ଭର୍ତ୍ତି କରାଯାଇଥିଲା। ଏ ନେଇ ଦୁର୍ନୀତି ନିବାରଣ ମଞ୍ଚ ଓ ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ତତ୍କାଳୀନ ଜିଲାପାଳ, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ୨୦୧୫ରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ ବନ୍ଦ କରି ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯାଇଥିଲା। ହେଲେ ୭ବର୍ଷ ପରେ ବିଭାଗର କେତେଜଣ ଅଧିକାରୀ ସମ୍ପୃକ୍ତ ଠିକାଦାରଙ୍କ ସହ ସଲାସୁତ୍ରୁରା କରି ପୁନର୍ବାର ଉକ୍ତ ଅସୁରକ୍ଷିତ କୋଠାକୁ ମରାମତି କରି ଦୁଇଦିନ ତଳେ ଛାତ ପକାଇଛନ୍ତି। ଦୁର୍ନୀତି ନିବାରଣ ମଞ୍ଚ ଓ ବ୍ଲକ ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ପତ୍ର ଜରିଆରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମିଶ୍ରଙ୍କୁ ପଚାରିବାରୁ ସେ ଖରାପ ଥିବା କାମକୁ ମରାମତି କରି ଛାତ ପକାଯାଇଥିବା କହିଥିଲେ।

# ଆଗାମୀ ପିଢ଼ିକୁ ଯୋଡ଼ିବ ଲୋକ ମହୋତ୍ସବ

**ସମ୍ବଲପୁର,୧୩।୧(ବ୍ୟୁରୋ)**



ଲୋକମହୋତ୍ସବରେ ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

ପଶ୍ଚିମ ଓଡ଼ିଶା ହେଉଛି କଳାକାର, ଗୀତିକାର, କବି, ବୀରପୁରୁଷଙ୍କ ମାଟି। ସମ୍ବଲପୁରୀ ଗୀତ ଓ ବସ୍ତ୍ର ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛି। ଲୋକ ମହୋତ୍ସବ ଆମାଗୀ ପିଢିକୁ ଯୋଡିଥାଏ। ଲୋକକଳା ଓ କଳାକାରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି। ୨୫ତମ ସମ୍ବଲପୁର ଲୋକମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ଜିଲା ସଂସ୍କୃତି ପରିଷଦ ଅଧକ୍ଷା ତଥା ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ସଭାପତି କୁମୁଦିନୀ ନାଏକ, ନୋଡାଲ ଅଧିକାରୀ ତଥା ଏସ୍‌ଏମ୍‌ସି କମିଶନର ପ୍ରଦୀପ ସାହୁ, ସହକାରୀ ନୋଡାଲ ଅଧିକାରୀ ତଥା ଉପଜିଲାପାଳ ପ୍ରଭାଶ ଡନସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମଲେଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ଏକ ସ୍ମରଣିକା ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଶୈଳେଶଚନ୍ଦ୍ର ପଟ୍ଟନାୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଲୋକନୃତ୍ୟ, ଲୋକଗୀତ କାର୍ଯ୍ୟକ୍ରମ ହୋଇଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

URGENTLY REQUIRED
SALES EXECUTIVE
Padma Assets Pvt. Ltd. is looking for an immediate placement in Bhubaneswar
REQUIREMENTS: ● Age 22 yrs. & above (Male/Female) ● Salary- 7000 - 12000 with attractive incentive!!! ● MBA ● Graduation (Min. 1 Yr. experience in Real Estate Sector) ● Must have 2 wheeler & DL
Please send CV with recent photograph
Ph.- 9437216666
Mail: assetspadma@gmail.com

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
• ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
• ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

GMR Institute of Technology
An Autonomous Institute Affiliated to JNTU-GV, Vizianagaram
GMRIT Training Tomorrow's Engineers Today
FACULTY RECRUITMENT
EMBARK ON AN UNIQUE WORKING EXPERIENCE FOR A BETTER CAREER
Promoted by GMR group, GMRIT is one of the leading Engineering Institutions in the country, which is accredited by NAAC with 'A' Grade and NBA. To strengthen its intellectual capital and create a diversified work culture, it seeks qualified and committed professionals from across the country for the following positions:
Professors/ Associate Professors/ Assistant Professors:

| Department | Qualification & Specializations |
|---|---|
| Computer Science and Engineering/ Information Technology | M.Tech / M.E. (CSE, CSE-AI&ML, CSE-AI&DS and IT) |

Qualifications: Ph.D. from IITs/NITs/Foreign Universities/Reputed Universities and candidates submitted thesis shall be given preference. As per AICTE/UGC norms; Research orientation & Career 1st class.
A COMPLETE WORK – LIFE BALANCE SCENARIO FOR SELF DEVELOPMENT
Interested Candidates are requested to send their detailed resume along with all supporting documents with regard to their qualification, experience and last pay drawn by mail to opportunities@gmrit.edu.in on or before 18th January 2023.
For further details contact: 9866903004 / 9949578454 /9182128714
Please refer to the HR policies in the Institution website for additional benefits.
S/d PRINCIPAL
Visit us at: www.gmrit.org
GMR Nagar, Rajam-532127, Vizianagaram Dist., A.P, Ph.: 08941-251592/593
GMR GROUP–IT/29/PREM ASSOCIATES

आज़ादी का अमृत महोत्सव
G20 भारत 2023 INDIA
କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
EMPLOYEES' PROVIDENT FUND ORGANISATION
(MINISTRY OF LABOUR & EMPLOYMENT , GOVT. OF INDIA)
ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012
E-mail:rourkela@epfindia.gov.in
SLP (C) କ୍ରମାଙ୍କ. 8658-8659/2019 ଉପରେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତା.୦୪.୧୧.୨୦୨୨ରିଖର ରାୟ ସଂଲଗ୍ନ ପାରା - 44(ix) ସହ ପାରା- 44(v) ତଥା (vi) ଉପରେ ପ୍ରଦତ୍ତ ନିର୍ଦ୍ଦେଶ ଅନୁପାଳନାର୍ଥେ, ଅନୁଦେଶ
(କ) ନିମ୍ନୋକ୍ତ ପେନ୍‌ସନ୍‌ଭୋଗୀ ସେମାନଙ୍କର ବିକଳ୍ପ (Option) ଦାଖଲ କରିପାରିବେ :
୧. ସେହି ପେନ୍‌ସନ୍‌ଭୋଗୀ, ଯେଉଁମାନେ କର୍ମଚାରୀ ଥିବା ସମୟରେ କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା-୨୬(୬) ଅନୁଯାୟୀ ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଊର୍ଦ୍ଧ୍ୱ ଦରମା ଉପରେ ଅଂଶଦାନ କରିଆସୁଥିଲେ, ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ର ସଦସ୍ୟ ଭାବରେ ପ୍ରାକ୍‌ସଂଶୋଧିତ ଯୋଜନାର ପାରା-୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ନିଜର ସଂଯୁକ୍ତ-ବିକଳ୍ପପତ୍ର (Joint option) ଦରଜ କରିଥିଲେ, ଏବଂ
୩. ସେମାନଙ୍କର ଏହି ବିକଳ୍ପପତ୍ର ଭବିଷ୍ୟନିଧି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଗ୍ରାହ୍ୟ ହୋଇଯାଇଥିଲା ।
(ଖ) ଉପରୋକ୍ତ ପେନ୍‌ସନ୍‌ଭୋଗୀମାନେ ନିମ୍ନପ୍ରଦତ୍ତ ଦସ୍ତାବିଜ ନିଶ୍ଚିତ ଦାଖଲ କରିବେ :
୧. କର୍ମଚାରୀ ଭବିଷ୍ୟନିଧି ଯୋଜନା, ୧୯୫୨ ଅନ୍ତର୍ଗତ ପାରା-୨୬(୬) ଅନୁଯାୟୀ ସଂଯୁକ୍ତ-ବିକଳ୍ପ ପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା ଏବଂ
୨. କର୍ମଚାରୀ ପେନ୍‌ସନ୍ ଯୋଜନା, ୧୯୯୫ ଅନ୍ତର୍ଗତ ପ୍ରାକ୍‌ସଂଶୋଧିତ ଯୋଜନାର ପାରା-୧୧(୩)ରେ ପ୍ରଦତ୍ତ ବ୍ୟବସ୍ଥାନୁଯାୟୀ ଦାଖଲ ହୋଇଥିବା ସଂଯୁକ୍ତ-ବିକଳ୍ପପତ୍ରର ପ୍ରମାଣ, ଯାହା ନିଯୁକ୍ତିଦାତାଙ୍କ ଦ୍ୱାରା ଯାଞ୍ଚ ଓ ସତ୍ୟାପିତ ହୋଇଥିଲା, ଏବଂ
୩. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଊର୍ଦ୍ଧ୍ୱ ଦରମା ଉପରେ ଭବିଷ୍ୟନିଧିରେ ଅଂଶଧନ ପୈଠ କରିଥିବାର ପ୍ରମାଣ ଏବଂ
୪. ପ୍ରଚଳିତ ଦରମାର ନିର୍ଦ୍ଧାରିତ ସୀମା ଟ.୫୦୦୦.୦୦ଙ୍କା କିମ୍ବା ଟ.୬୫୦୦.୦୦ଙ୍କାରୁ ଊର୍ଦ୍ଧ୍ୱ ଦରମା ଉପରେ ପେନ୍‌ସନ୍ ପାଣ୍ଠିରେ ଅଂଶଧନ ପୈଠ କରିଥିବାର ପ୍ରମାଣ, ଯଦି ଥାଏ, ଏବଂ
୫. ଭବିଷ୍ୟନିଧି ସଂଗଠନର ସହକାରୀ ଭବିଷ୍ୟନିଧି ଆୟୁକ୍ତ ବା ତଦୁଚ୍ଚ ଅଧିକାରୀଙ୍କ ଦ୍ୱାରା ଏଭଳି ଅନୁରୋଧ କିମ୍ବା ପୈଠ ଅଂଶଧନକୁ ଗ୍ରହଣ କରିନଥିବାର ଅଗ୍ରାହ୍ୟପତ୍ର।
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ,
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା
SAI/RKL/0005/23

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର କର। –ଶ୍ରୀଅରବିନ୍ଦ



# ଓଏନ୍‌ଜିସିରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି)ରେ ଏବେ ପରିବର୍ତ୍ତନ ହାୱା ବହୁଛି। ଗତ ମାସ ପ୍ରାରମ୍ଭରେ ସରକାର ଅରୁଣ କୁମାର ସିଂଙ୍କୁ ଓଏନ୍‌ଜିସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। ସିଂ ଏହା ପୂର୍ବରୁ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍)ର ମୁଖ୍ୟ ଥିଲେ। ଏହା ପ୍ରଥମ ଘଟଣା, ଯେଉଁଥିରେ ଜଣେ ୬୦ ବର୍ଷୀୟ ଅବସରପ୍ରାପ୍ତ ଅଧିକାରୀଙ୍କୁ ଉତ୍କୃଷ୍ଟ ରାଷ୍ଟ୍ରାୟତ୍ତ କମ୍ପାନୀର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସରକାରଙ୍କୁ ବ୍ୟାପକ ପୁନର୍ଗଠନ କରିବା, ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ଧ୍ୟାନ ଦେଇ ନିଷ୍ପତ୍ତି ନେବା ସହ ଅକ୍ଷୟ ଶକ୍ତି ଭଳି ନୂଆ ବିଜ୍‌ନେସ ସନ୍ଧାନ କରିବା ସକାଶେ ପ୍ରେରିତ କରିଛି। ଓଏନ୍‌ଜିସି ଦୁଇଟି ନିର୍ଦ୍ଦେଶକ ପଦକୁ ଏକାଠି କରି ଷ୍ଟ୍ରାଟେଜି ଆଣ୍ଡ୍ କର୍ପୋରେଟ ଆଫେୟାର୍ସ ପାଇଁ ନୂଆ ନିର୍ଦ୍ଦେଶକ ପଦବୀ ଗଠନ କରୁଥିବା ସୂତ୍ରରୁ ଜଣାପଡ଼ିଛି। ପୁନଶ୍ଚ ଅନ୍‌ଶୋର ଓ ଅଫ୍‌ଶୋର ନିର୍ଦ୍ଦେଶକଙ୍କୁ ମିଶାଇ ଏକ ଉତ୍ପାଦ ନିର୍ଦ୍ଦେଶକ( ପ୍ରଡକ୍‌ସନ ଡାଇରେକ୍ଟର) ସୃଷ୍ଟି କରାଯାଇଛି ଏବଂ ଉକ୍ତ ପଦବୀ ମାର୍ଚ୍ଚ ୧, ୨୦୨୩ରୁ କାର୍ଯ୍ୟକାରୀ ହେବ। ଏବକାର ଅଫ୍‌ଶୋର ନିର୍ଦ୍ଦେଶକ ପଙ୍କଜ କୁମାର ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି। ପରିଚାଳନାଗତ ସହଯୋଗ ବା ସମନ୍ୱୟ ବୃଦ୍ଧିକରିବା ସହ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ପାଇଁ ଏହିସବୁ ପୁନର୍ଗଠନ କରାଯାଇଛି। ନୂତନ କର୍ପୋରେଟ ଆଫେୟାର୍ସ ଡାଇରେକ୍ଟର ଅକ୍ଷୟ ଶକ୍ତି ପରିଯୋଜନା, ତୈଳ ବିଶୋଧନ ଓ ପେଟ୍ରୋକେମିକାଲ ଏବଂ ଲିକ୍ୱିଫାଇଡ ନ୍ୟାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆଦି କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେବେ। ଏହାସହ ଉତ୍ତମ ମୂଲ୍ୟରେ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ମାର୍କେଟିଂ ପ୍ରତି ମଧ୍ୟ ନଜର ରଖିବେ। ଏସବୁ କାର୍ଯ୍ୟ ବ୍ୟତୀତ ନୂଆ ନିର୍ଦ୍ଦେଶକ ସୂଚନା ପ୍ରଯୁକ୍ତି, ଯୋଗାଯୋଗ ସେବା, ସୁରକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଏବଂ ବିଜ୍‌ନେସ୍ ବିକାଶ ପାଇଁ ଉତ୍ତରଦାୟୀ ରହିବେ।

### ଭବିଷ୍ୟତ ଚିନ୍ତା

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଚଳିତ ବର୍ଷ ହେବାକୁ ଥିବା ୯ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ କରି ଶାସନ ଓ ବିକାଶ ପ୍ରସଙ୍ଗଗୁଡ଼ିକରେ କେନ୍ଦ୍ର ଗୁରୁତ୍ୱ ଦେବା ପାଇଁ ଅଧିକ ଚେଷ୍ଟା କରୁଛି। ଏଥିପାଇଁ ସରକାରଙ୍କ ପ୍ରଦର୍ଶନ ଉପରେ ବହୁତ କିଛି ନିର୍ଭର କରେ, ଯାହା ଏଯାବତ ଏତେ ଭଲ ରହିନାହିଁ। ଏକାବେଳକେ ହଠାତ ଆଖିଦୃଶିଆ ନୀତିଗତ ଯୋଜନାଗୁଡ଼ିକ ଲାଗୁ କରାଯାଇଥିଲେ ବି ସେଗୁଡ଼ିକ ମନ୍ଥର ହୋଇପଡ଼ିଛି: ଯାହାକୁ ଗତିଶୀଳ କରିବାକୁ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱିତୀୟ ସମ୍ମିଳନୀରେ ଏହା ଉପରେ ଜୋର୍ ଦେଇଥିଲେ। ରାଜ୍ୟଗୁଡ଼ିକର ଭାଗୀଦାରିରେ ଦ୍ରୁତ ଓ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ଏହି ସମ୍ମିଳନୀର ଲକ୍ଷ୍ୟ ଥିଲା। ମୋଦି ଏହି ସମ୍ମିଳନୀରେ ଦୁଇ ଦିନ ଯୋଗ ଦେବା ସହ ଏହାର ଅଧ୍ୟକ୍ଷତା କରିଥିଲେ। ସେ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକରୁ ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୨୦୦ ଶୀର୍ଷ ସ୍ତରର ବାବୁ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ମୁଖ୍ୟ ଶାସନସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ପୂର୍ବ ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ନ କରି ମୋଦି ଏମାନଙ୍କ ସହିତ କରିବା କେତେଜଣ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ସମ୍ମିଳନୀର ବିଷୟବସ୍ତୁଗୁଡ଼ିକ ମଧ୍ୟରେ ରହିଥିଲା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଭିତ୍ତିଭୂମି ଓ ନିବେଶ, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପୋଷକ ଏବଂ ଦକ୍ଷତା ବିକାଶ। ସେଠାରେ ଭାରତର ଭୂରାଜନୈତିକ ଆହ୍ୱାନ, ଜି୨୦ ରାଜ୍ୟଗୁଡ଼ିକର ଭୂମିକା ଏବଂ ବିକାଶଶୀଳ ନୂଆ ପ୍ରଯୁକ୍ତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

### ଏନ୍‌ଡିଟିଭିରେ ପୂର୍ବତନ ବାବୁ

ଅବସର ନେବାକୁ ଥିବା ଅନେକ ବାବୁ ପ୍ରଶାସନରେ ପୁନଃ ନିଯୁକ୍ତି ଆଶା କରନ୍ତି କିମ୍ବା ଅନ୍ୟ କେଉଁଠାରେ ବିଶେଷକରି ପ୍ରାଇଭେଟ ସେକ୍ଟରରେ ତାହା ଚାହିଁଥାଆନ୍ତି। ବହୁ ସମୟରେ ବି ତାହା ସେମାନେ ପାଇବାରେ ସକ୍ଷମ ହୁଅନ୍ତି। ନିକଟରେ ଆଦାନୀ ଗ୍ରୁପର କର୍ପୋରେଟ ବ୍ରାଣ୍ଡ୍ କଷ୍ଟୋଡିଆନର ଗ୍ରୁପ୍ ମୁଖ୍ୟ ଭାବେ କାର୍ଯ୍ୟରତ ତଥା ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ପ୍ରମୁଖ ସଚିବ ଅମନ କୁମାର ସିଂ ଏବଂ ଛତିଶଗଡ଼ର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁନୀଲ କୁମାରଙ୍କୁ ଏନ୍‌ଡିଟିଭିର ନନ୍–ଏକ୍‌ଜିକ୍ୟୁଟିଭ୍ ଇଣ୍ଡିପେଣ୍ଡେଣ୍ଟ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଛି। ଉଭୟ ବାବୁ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ସରକାରରେ ଖୁବ୍ କ୍ଷମତାଶାଳୀ ଥିଲେ। ପୂର୍ବତନ ଆଇଆର୍‌ଏସ୍ ଅଧିକାରୀ ସିଂ ଅର୍ଥ ଓ ଯୋଜନା କ୍ଷେତ୍ରରେ ଜଣେ ବିଶେଷଜ୍ଞ ଭାବେ ଜଣାଶୁଣା ଏବଂ କୁମାର ମଧ୍ୟ ପ୍ରଶାସନର ନେତୃତ୍ୱ ନେଇଥିଲେ। ସେମାନଙ୍କର ଯଥେଷ୍ଟ ଅଭିଜ୍ଞତା ଅଛି। ସରକାରଙ୍କ ପ୍ରଚଳିତ ଅସଂଖ୍ୟ ନୀତି ନିୟମଗୁଡ଼ିକ ମଧ୍ୟରେ କିଭଳି କାର୍ଯ୍ୟ ସଞ୍ଚାଳନ କରିବାକୁ ହୁଏ ତାହା ସେମାନେ ଭଲ ଭାବେ ଜାଣନ୍ତି। ଶକ୍ତିଶାଳୀ ଆଦାନୀ ଗ୍ରୁପ୍‌ର ମାଲିକ ହେଉଛନ୍ତି ଭାରତର ବିଶେଷ ଧନୀ ଗୌତମ ଆଦାନୀ । ନିକଟରେ ପ୍ରମୁଖ ଟେଲିଭିଜନ ସଂସ୍ଥା ଏନ୍‌ଡିଟିଭିକୁ ଅଧିଗ୍ରହଣ କରିବା ପରେ ମିଡିଆ ସେକ୍ଟରରେ ସେ ନୂଆ କାମ ଆରମ୍ଭ କରିଛନ୍ତି। ତେବେ ମିଡିଆ ବିଶେଷଜ୍ଞ ଭାବେ ନୁହେଁ, ବରଂ ଆଦାନୀଙ୍କୁ ତାଙ୍କ ବିଜ୍‌ନେସର ଅନ୍ୟ କ୍ଷେତ୍ରରେ ପରାମର୍ଶ ଦେବାକୁ ଉଭୟ ବାବୁ ଏନ୍‌ଡିଟିଭି ବୋର୍ଡରେ ଅବସ୍ଥାପିତ ହୋଇଛନ୍ତି ।

Email: dilipcherian@gmail.com

# ଓଡ଼ିଆ ସାହିତ୍ୟର ଅନନ୍ୟ ରୂପକାର



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଫକୀର ମୋହନଙ୍କ ସୃଷ୍ଟିସମ୍ଭାର ଉପରେ ଆଲୋଚନା କଲାବେଳେ ସମାଲୋଚକମାନେ ତାଙ୍କର କାଳଜୟୀ ଗଳ୍ପ ଓ ଉପନ୍ୟାସ ଉପରେ ଆଲୋକପାତ କରିଥାନ୍ତି। ଏ କଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ଫକୀର ମୋହନ ହେଉଛନ୍ତି ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ସନ୍ତୁଷ୍ଟ ଔପନ୍ୟାସିକ ଏବଂ ଗାଳ୍ପିକ ଫକୀର ମୋହନଙ୍କ ସାଧନପୂତ ଜୀବନର ଏହି ଦିଗ ପ୍ରତି ସମାଲୋଚକଙ୍କ ଦୃଷ୍ଟି ବିଶେଷ ଭାବେ ପଡ଼ିଥାଏ। କିନ୍ତୁ ଏ କଥା ସ୍ୱୀକାର କରିବାକୁ ହୁଏ ଯେ, ଆମ ଜାତୀୟ ଜୀବନର ଅବକ୍ଷୟ ଯୁଗରେ ଫକୀର ମୋହନ ହିଁ ଏକମାତ୍ର ଓଡ଼ିଆ ଜନନେତା ଓ ପବ୍ଲିକ୍‌ମେନ୍ ଥିଲେ। ସାମାଜିକ ଜୀବନରେ ଭୀରୁତା, ଅଶିକ୍ଷା ଓ କୁସଂସ୍କାର ବିରୁଦ୍ଧରେ ତାଙ୍କର ଅଙ୍ଗୀକାରବଦ୍ଧ ସଂଗ୍ରାମ ଓଡ଼ିଆ ଜାତିକୁ ଏକ ନୂତନ ଦିଗ ଦେଖାଇଥିଲା। ଊନବିଂଶ ଶତାବ୍ଦୀର ଶେଷଭାଗରେ ଯେଉଁ ଜାତୀୟ ଆନ୍ଦୋଳନ ହୋଇଥିଲା, ଓଡ଼ିଶାରେ ଏହାର ପ୍ରଭାବ ପଡ଼ିଥିଲା। ଏହାର ପୁରୋଭାଗରେ ଥିଲେ ଫକୀର ମୋହନ ସେନାପତି। ଆନୁଷ୍ଠାନିକ ଭାବେ ଭାରତୀୟ ଜାତୀୟ କଂଗ୍ରେସ ବହୁକାଳ ପରେ ୧୯୨୦ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ସାମନ୍ତବାଦୀ ସାମାଜିକ ବ୍ୟବସ୍ଥା ଏବଂ ଔପନ୍ୟାସିକ ପରାଧୀନତାର ମାୟାଜାଲରେ ଆଚ୍ଛାଦିତ ଏକ ପରିଚୟହୀନ ଜାତି ପାଇଁ ଜନନେତା ଫକୀର ମୋହନ ହିଁ ହେଉଛନ୍ତି ପ୍ରଥମ ବାର୍ତ୍ତାବହ।

ଏ କଥା ସର୍ବଜନବିଦିତ ଯେ, ଊନବିଂଶ ଶତାବ୍ଦୀର ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଫକୀର ମୋହନ ସେନାପତି। ଏଥିପାଇଁ ପ୍ରତିପକ୍ଷ ବଙ୍ଗାଳୀମାନେ ତାଙ୍କୁ ଘୃଣାକରି ତାଙ୍କ ନାମ ଧରିବାକୁ ମଧ୍ୟ କୁଣ୍ଠା ପ୍ରକାଶ କରୁଥିଲେ। ଉତ୍କଳ ଦୀପିକା ନେତୃତ୍ୱରେ କର୍ମବୀର ଗୌରୀଶଙ୍କର ରାୟ ଏବଂ ବାଲେଶ୍ୱର ସମ୍ବାଦବାହିକା ଆନୁକୂଲ୍ୟରେ ଫକୀର ମୋହନ ମଶି ଏହି ଯୁଦ୍ଧରେ ଯେଉଁ ପରାକାଷ୍ଠା ଦେଖାଇଥିଲେ ତା'ର ପଟ୍ଟାନ୍ତର ନାହିଁ। ଫକୀର ମୋହନ ଓଡ଼ିଆ ବ୍ୟତୀତ ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷା ମଧ୍ୟ ଜାଣିଥିଲେ। ଏପରି କି ପାର୍ସି ଓ ଇଂରାଜୀ ଭାଷାରେ ତାଙ୍କର କାମଚଳା ଜ୍ଞାନ ଥିଲା। ବିଭିନ୍ନ ଭାଷାଭାଷୀ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ ହେଁ ସର୍ବତ୍ର ତାଙ୍କୁ ନିଜ ମାତୃଭାଷାର ମାଧୁରୀ ଆଲୋକିତ କରିଥିଲା।

ଆଜି ଫକୀର ମୋହନ କେବଳ ବ୍ୟକ୍ତିବିଶେଷ ନୁହନ୍ତି; ସେ ସାହିତ୍ୟରୂପକ ମହାବେଦିର ଅଗ୍ରଗାମୀ ସୂରି। ତାଙ୍କର ବିବିଧ କୃତି ବଙ୍ଗଳା, ହିନ୍ଦୀ, ଇଂରାଜୀ ଓ ମୈଥିଳି ଭାଷାରେ ଅନୂଦିତ ହୋଇଛି। ସ୍ୱଦେଶୀ ହୁଅନ୍ତୁ ଅଥବା ବିଦେଶୀ, ବହୁ ଗବେଷକଙ୍କ ଗବେଷଣାର କେନ୍ଦ୍ରବିନ୍ଦୁ ବ୍ୟାସକବି ଫକୀର ମୋହନ ଯେତିକି ପୁରୁଣା ହେଉଛନ୍ତି, ତାଙ୍କର କୃତି ଓ କୀର୍ତ୍ତି ନେଇ ଅନୁରାଗ ସେତିକି ବଢ଼ୁଛି। ଆଜି ପ୍ରତ୍ୟେକ ଓଡ଼ିଆଙ୍କଠାରେ କଥାସମ୍ରାଟ୍ ଫକୀର ମୋହନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଆସନ୍ନ ବିପଦ ସମୟରେ ଏବଂ ଏହାର ସୁରକ୍ଷା ନିମିତ୍ତ ଜଣେ ଜାଗ୍ରତ ସେନାପତି ଭାବେ ଚିରସ୍ମରଣୀୟ ଓ ବନ୍ଦନୀୟ। ଏହା ତଥ୍ୟ ଦୃଷ୍ଟିରୁ ସ୍ୱୀକାର୍ଯ୍ୟ। ସେଥିପାଇଁ ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ କବିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି କହିଥିଲେ– ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ନ'ଅଙ୍କ ଦୁର୍ଭିକ୍ଷ, ଭାଷା ବିଲୋପ ଆନ୍ଦୋଳନ ଚକ୍ରାନ୍ତ ଭଳି ଜାତୀୟ ବିପତ୍ତି ସମୟରେ ଫକୀର ମୋହନଙ୍କ ଲେଖନୀର ଯାଦୁକରୀ ଶକ୍ତି, ଅସୀମ ଧୈର୍ଯ୍ୟ, ପ୍ରତିପନ୍ନମତିତା ଓ ବଳିଷ୍ଠ ନେତୃତ୍ୱ ଏ ଜାତିର ଜୀବନରେ ନୂତନ ଆଶା ଓ ଉନ୍ମାଦନା ଆଣିଦେଇଥିଲା ବୋଲି କହିଲେ କିଛି ଅତିରଞ୍ଜିତ ହେବନାହିଁ।

ବିପ୍ଳବୀ ... 

ଫକୀର ମୋହନଙ୍କ ଜୟନ୍ତୀ ଉପଲକ୍ଷେ



କ୍ରାନ୍ତିକାରୀ କବି ତଥା ସାହିତ୍ୟିକ ଫକୀର ମୋହନ ଓଡ଼ିଆ ଜାତି ତଥା ମାତୃଭାଷାର ଉନ୍ନତି ପାଇଁ ବିଶେଷ ଧ୍ୟାନ ନିବେଶପୂର୍ବକ ଓଡ଼ିଆ ପାଠ୍ୟପୁସ୍ତକ ରଚନା, ପ୍ରାଚୀନ ପୁରାଣ ଓ ସଂସ୍କୃତ ସାହିତ୍ୟର ସରଳ ଓ ପ୍ରାଞ୍ଜଳ ଓଡ଼ିଆ ଅନୁବାଦ, ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଏବଂ ସମ୍ବାଦପତ୍ର ପ୍ରକାଶନ ସମେତ ବିଭିନ୍ନ ସଭାସମିତିର ସାରସ୍ୱତ ସମାରୋହରେ ଯୋଗଦେଇ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଉଦ୍ୟମ କରିଥିଲେ।

ଫକୀର ମୋହନଙ୍କ ପାରିବାରିକ ଜୀବନ ଥିଲା ସଂଘର୍ଷମୟ। ତାଙ୍କ ଜୀବନରେ ଦୁଇଟି ନାରୀ ସହାୟତା ପ୍ରଦାନ କରିଛନ୍ତି ବୋଲି ସେ ସ୍ୱୀକାର କରିଛନ୍ତି। ସେମାନେ ହେଲେ ଯଥାକ୍ରମେ ତାଙ୍କ ଠାକୁରମା'(ଜେଜେମା') ଏବଂ ଅନ୍ୟ ଜଣକ ହେଉଛନ୍ତି ତାଙ୍କର ଦ୍ୱିତୀୟ ପତ୍ନୀ କୃଷ୍ଣକୁମାରୀ। ଫକୀର ମୋହନଙ୍କ ବୃଦ୍ଧାବସ୍ଥା ସୁଖଶାନ୍ତିରେ କଟି ନ ଥିଲା। ତାଙ୍କ ପାଖରେ ଧନସମ୍ପତ୍ତିର ସେପରି ଅଭାବ ନ ଥିଲା, କିନ୍ତୁ ୧୮୯୪ ମସିହାରେ ମାତ୍ର ୩୪ ବର୍ଷ ବୟସରେ ପ୍ରାଣପ୍ରିୟା ପତ୍ନୀ କୃଷ୍ଣକୁମାରୀଙ୍କ ବିୟୋଗ ତାଙ୍କ ବ୍ୟକ୍ତିଗତ ଜୀବନକୁ କରିଥିଲା ବ୍ୟସ୍ତ ଓ ବିବ୍ରତ। ତଥାପି ଏଥିରେ ହତୋତ୍ସାହ ନ ହୋଇ ସାହିତ୍ୟ ସାଧନାରେ ବ୍ରତୀ ଥିଲେ।

ପାଠ୍ୟପୁସ୍ତକ ରଚନା ଓ ଅନୁବାଦ କାର୍ଯ୍ୟ ସହ ଫକୀର ମୋହନ ବିଭିନ୍ନ ସାମୟିକ ପତ୍ରପତ୍ରିକାରେ କବିତା ଓ ପ୍ରବନ୍ଧମାନ ଲେଖୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କ କବିତାଗୁଡ଼ିକ ଯଥାକ୍ରମେ– ପୁଷ୍ପମାଳା (୧୮୯୪), ଅବସର ବାସରେ (୧୯୦୮), ପୂଜା ଫୁଲ (୧୯୧୨) ଇତ୍ୟାଦି ସଂକଳିତ ହୋଇଛି। ଫକୀର ମୋହନଙ୍କ 'ଉତ୍କଳ ଭ୍ରମଣ' (୧୮୯୨) ରଙ୍ଗରସର ଏକ ଦୀର୍ଘ କବିତା। 'ଉତ୍କଳ ଭ୍ରମଣ'ରେ ଊନବିଂଶ ଶତାବ୍ଦୀର ଶେଷଭାଗରେ ଓଡ଼ିଶାର ପ୍ରାୟ ୯୦ ଜଣ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଗୁଣ, ଦୋଷ, ସାମାଜିକ ଓ ରାଜନୈତିକ ଅବସ୍ଥାର ଚିତ୍ର ସହ ବହୁ କଥା ବର୍ଣ୍ଣିତ ହୋଇଅଛି। ଏ ସବୁ ବର୍ଣ୍ଣନା କରାଯାଇଛି ତୀର୍ଯ୍ୟକ୍ ଭଙ୍ଗୀରେ; ଯାହା ଫକୀର ମୋହନଙ୍କ ରଚନାକୁ ମନୋରଞ୍ଜନର ଖୋରାକ୍ ଯୋଗାଇପାରିଛି।

'ବୌଦ୍ଧାବତାର କାବ୍ୟ' ଫକୀର ମୋହନଙ୍କର ଏକ ଆଖ୍ୟାନ–କାବ୍ୟ। ଗୌତମ ବୁଦ୍ଧଙ୍କ ଜୀବନ ରଚିତ ୧୯୦୬ରେ ଏହା ଶେଷ ହୋଇଛି ଏବଂ ପରିଶୁଦ୍ଧ ସଂସ୍କରଣ ପ୍ରକାଶ ପାଇଥିଲା। ପରିଣତ ବୟସରେ ଅର୍ଥାତ୍ ପ୍ରାୟ ୫୭ ବର୍ଷ ବୟସରେ ଫକୀର ମୋହନ ଗଳ୍ପ ଓ ଉପନ୍ୟାସ ରଚନାରେ ବ୍ରତୀ ହେଲେ। ମାନବ ଚରିତ୍ର ସମ୍ପର୍କରେ ତାଙ୍କର ବିପୁଳ ଅଭିଜ୍ଞତା ହିଁ କ୍ଷୁଦ୍ର ଗଳ୍ପଗୁଡ଼ିକରେ ପ୍ରତିଫଳିତ ହୋଇ ଏହାକୁ ରସୋତ୍ତୀର୍ଣ୍ଣ କରିପାରିଛି। ଚରିତ୍ର ଆହରଣର କୌଶଳ, ବାସ୍ତବ ଅନୁଭୂତିମୂଳକ ଅନ୍ତର୍ଦୃଷ୍ଟିର ବ୍ୟବହାର, ହାସ୍ୟରସର ଅବତାରଣା, ଆଦର୍ଶବାଦ, ସମାଜରେ ସଂସ୍କାର ଆନୟନର ପ୍ରଚେଷ୍ଟା ଓ ଚରିତ୍ରମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦୃଷ୍ଟିରୁ ଫକୀର ମୋହନଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଏଥିରେ ସଂକଳିତ ପେଟେଣ୍ଟ ମେଡିସିନ୍, ରାଣ୍ଡି ପୁଅ ଅନନ୍ତା ଭଳି ଗଳ୍ପ ଭାରତୀୟ ସାହିତ୍ୟରେ ମଧ୍ୟ ଦୁର୍ଲ୍ଲଭ। ସଭ୍ୟ ଜମିଦାର, ବୀରେଇ ବିଶାଳ, ଅଧର୍ମ ବିତ୍ତ ଓ ଡାକମୁନ୍‌ସୀ ପ୍ରଭୃତି କେବଳ ରସୋତ୍ତୀର୍ଣ୍ଣ ନୁହନ୍ତି ସମୟ ଓ ସମାଜର ପ୍ରଚଣ୍ଡ ପ୍ରତିଧ୍ୱନି। ଫକୀର ମୋହନଙ୍କ ଆତ୍ମଜୀବନୀ ପ୍ରଥମ ହେଲେ ମଧ୍ୟ ଏହା ବର୍ତ୍ତମାନ ସୁଦ୍ଧା ଅନତିକ୍ରମଣୀୟ ହୋଇ ରହିଛି କହିଲେ ଭୁଲ୍ ହେବନାହିଁ।

ଉପସଂହାରରେ ଏତିକି ମାତ୍ର କୁହାଯାଇପାରେ ଯେ, ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ସ୍ଥାନ ଅଦ୍ୱିତୀୟ। ଭାବ, ଭାଷା ଓ ପ୍ରକାଶ ଭଙ୍ଗୀରେ ତାଙ୍କର ନୂତନତା ଥିଲା। ଯେଉଁସବୁ ସମସ୍ୟା ତତ୍କାଳୀନ ସମାଜକୁ ବିଶେଷ ଭାବରେ ଆନ୍ଦୋଳିତ କରୁଥିଲା ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରେ ତାହା ପ୍ରତିଫଳିତ ହୋଇଛି। ସମାଜଠାରୁ ଦୂରରେ ରହି ସାହିତ୍ୟ ରଚନା କରିବା ତାଙ୍କର ଧର୍ମ ନ ଥିଲା। ଫକୀର ମୋହନଙ୍କ ସମୟରୁ ବହୁ କାଳ ଅତୀତ ହୋଇଯାଇଥିଲେ ମଧ୍ୟ ତାଙ୍କ ଭଳି ବଳିଷ୍ଠ ପ୍ରତିଭାର ଅଧିକାରୀ ଓଡ଼ିଆ ସାହିତ୍ୟରେ ଦେଖାଯାଉନାହାନ୍ତି। ସେପରି ନିଷ୍ଠା, ସାଧନା, ଦେଶ ଓ ସମାଜର ବିଭିନ୍ନ ସମସ୍ୟା ପ୍ରତି ଚେତନା ଓ ସରଳ ଭାଷାରେ ନିଜର ଚିନ୍ତା ପ୍ରକାଶ କରିବା ଶକ୍ତି ଦେଖାଯାଉନାହିଁ।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ
ଓଡ଼ିଶା ସରକାର
ମୋ.: ୯୪୩୮୦୭୨୮୫୦

# ଆରମ୍ଭ ହେଲା ଦେବତାଙ୍କ ଦିନ



ଡା.ଉମେଶ ଚନ୍ଦ୍ର ପାତ୍ର

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବେ ଗ୍ରହଣ କରାଯାଏ।

ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି। ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନକରି ଅନୁଚିତ୍ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି। ବିଶ୍ୱାସ କରାଯାଏ, ଏହି ଦିନଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି। ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ୍ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି। ଉତ୍ତରାୟଣଠାରୁ ସବୁ ଶୁଭକାର୍ଯ୍ୟ ଆରମ୍ଭ ହେବ। ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ। ଅଧିକାଂଶ ଶୁଭଫଳ ପ୍ରଦାନ କରିବ। ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ୍ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ– ଏହା ମକର ସଂକ୍ରାନ୍ତିର ସନ୍ଦେଶ।

ମକର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପର୍ବର ଉତ୍ସବ ଲୋହଡି ଉତ୍ତର–ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ। ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି। ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ବଡ଼ ପର୍ବ। ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି। ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପୂର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ। ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ। ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ। ଦକ୍ଷିଣାୟନକୁ ଦେବତାମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ। ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା। ବିଶ୍ୱାସ କରାଯାଏ ପୁଣ୍ୟବାନ୍ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି। ତେଣୁ ଏହା ଆଲୋକର ପର୍ବ। ମକର ସଂକ୍ରାନ୍ତି ଦିନସାରା ଦେଶରେ ଗୁଡ଼ିଉଡ଼ା ଆରମ୍ଭ କରାଯାଏ। ଭାରତୀୟ ସଂସ୍କୃତିରେ ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ। ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା। ପଞ୍ଚଦେବତାଙ୍କ ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ – ପରଲୌକିକ, ନୈତିକ – ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ। ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ। ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ। ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ। ସେ ସାରା ସଂସାରକୁ ପ୍ରକାଶିତ କରନ୍ତି। ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ। ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ। ସୂର୍ଯ୍ୟ ଯେମିତି ବାଦଲରେ ଢାଙ୍କି ହୋଇଯାଆନ୍ତି, ସେମିତି ଆମ ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ। ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବାପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ। ଯେମିତି କି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ। ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ।



ଭାରତୀୟ ପରମ୍ପରାର ମହାନ୍ ପର୍ବ ହେଉଛି ମକର ସଂକ୍ରାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ପର୍ବକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ପୌଷମାସର ଏହି ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରିଥାନ୍ତି। ଏଥିସହିତ ଦେବତାମାନଙ୍କ ଦିନ ଏବଂ ପିତୃପୁରୁଷଙ୍କ ରାତ୍ରି ଆରମ୍ଭ ହୋଇଥାଏ। ମକର ସଂକ୍ରାନ୍ତି ପରଠାରୁ ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ, ଯଜ୍ଞୋପବିତ, ବିବାହ ବ୍ରତ, ଗୃହ ପ୍ରବେଶ ଆଦି ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପୃଥିବୀବାସୀଙ୍କ ପାଇଁ ବରଦାନ ସଦୃଶ। ସମସ୍ତ ଦେବୀ ଦେବତା, ଯକ୍ଷ, ଗନ୍ଧର୍ବ, ନାଗ, କିନ୍ନର ଆଦି ଏହି ଅବଧିରେ ତୀର୍ଥରାଜ ପ୍ରୟାଗରେ ଏକତ୍ରିତ ହେବା ସହ ସଙ୍ଗମ ତଟରେ ସ୍ନାନ କରିଥାନ୍ତି। ଏହି ସମୟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କୁ ମୁକ୍ତି ମିଳିଥାଏ। ପ୍ରାତଃକାଳରୁ ଉଠି ସ୍ନାନ କରିବା ସହ ସୂର୍ଯ୍ୟଦେବଙ୍କ ପୂଜା କଲେ ମନୁଷ୍ୟର ସମସ୍ତ ଗ୍ରହଦୋଷ ଖଣ୍ଡିତ ହୋଇଥାଏ। ମକର ସଂକ୍ରାନ୍ତି ପର୍ବକୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଉଥିଲେ ମଧ୍ୟ ସବୁଆଡ଼େ ଗୋଟିଏ ଉଦ୍ଦେଶ୍ୟ ନେଇ ଏହି ପର୍ବ ପାଳିତ ହୁଏ। ଆସାମର ଲୋକମାନେ ଏହି ଦିନକୁ ମାଘ ବିହୁ କୁହନ୍ତି। ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶରେ ମାଘି ନାମରେ ଏହି ପର୍ବ ପାଳିତ ହୁଏ। ସାରା ଦେଶରେ ଏହା ମକର ସଂକ୍ରାନ୍ତି ନାମରେ ପାଳିତ ହେଉଥିବାବେଳେ ଉତ୍ତରାଖଣ୍ଡ, ଗୁଜରାଟ ଓ ରାଜସ୍ଥାନରେ ଏହା ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ। ଦକ୍ଷିଣ ଭାରତରେ ଏହା ପୋଙ୍ଗଲ ନାମରେ ପ୍ରସିଦ୍ଧ। ତାମିଲ ନୂଆବର୍ଷ ପୋଙ୍ଗଲଠାରୁ ଆରମ୍ଭ ହୋଇଥାଏ। ଦେଶବ୍ୟାପୀ ଗୁଡ଼ିଉଡ଼ା ଉତ୍ସବ ମଧ୍ୟ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

୧୫ ମିନିଟରେ ଆମ୍ବୁଲାନ୍ସ ଘରେ ପହଞ୍ଚିବା ନିଶ୍ଚିତ ଭାବେ ଏକ ଉତ୍ତମ ସେବା। ଷ୍ଟାନ୍‌ପ୍ଲସ ନାମକ ଏକ ହେଲ୍‌ଥ ଟେକ୍ କମ୍ପାନୀ ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି ପ୍ରଭଦୀପ ସିଂ। ପ୍ରଭଦୀପ ଏହି ସଂସ୍ଥାର ସିଇଓ ଥିବାବେଳେ ତାଙ୍କ ସହ–ପ୍ରତିଷ୍ଠାତା ଭାବେ ରହିଛନ୍ତି ଆଣ୍ଟୋନି ପୋରଶନ ଏବଂ ଜୋଶେ ଲିଓନ। ହାଇଦ୍ରାବାଦ, ରାୟପୁର, ବେଙ୍ଗାଲୁରୁ, କୋଏମ୍ବାଟୁର ଓ ବିଶାଖାପଟନମ୍ ସହରରେ ସେ ଏହି ସେବା ଉପଲବ୍ଧ କରାଉଛନ୍ତି। ଷ୍ଟାନପ୍ଲସ ମାତ୍ର ୬ ସେକେଣ୍ଡରେ ଜରୁରୀ କଲ୍ ଗ୍ରହଣ କରି ବାଟରେ ଥିବା ଆମ୍ବୁଲାନ୍ସକୁ ଠିକଣା ସୂଚିତ କରିଦେଉଛି। ଦିନରାତି ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ସହ ଏହି ସଂସ୍ଥା ମଧ୍ୟ ଅନ୍ୟାନ୍ୟ ମେଡିକାଲ ସୁବିଧା ଉପଲବ୍ଧ କରାଉଛି। ଏବେ ୫ଟି ସହରରେ ୫୦ ହସ୍ପିଟାଲ ସହ ଭାଗୀଦାରିରେ ଏହା କରାଯାଉଛି ଓ ଆଗକୁ ୧୫ଟି ସହରରେ ୫୦୦ ହସ୍ପିଟାଲକୁ ସଂଯୋଜିତ କରିବା ଲାଗି ଯୋଜନା କରାଯାଇଛି। ପ୍ରଭଦୀପ ଏହି ସେବାକୁ ୭ ମିନିଟ୍‌ରେ ଯୋଗାଇ ଦେବା ଲାଗି ଯୋଜନା କରିସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜାନୁୟାରୀ ୧୯୯୮

- ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲା ଅନ୍ତର୍ଗତ କାଲାଙ୍ଗୀ ନିକଟସ୍ଥ ପଦ୍ମା ନଦୀରେ ବଣଭୋଜି ସାରି ଫେରୁଥିବା ଏକ ବସ୍ ଖସିପଡ଼ିବା ଫଳରେ ୬୭ ଛାତ୍ରୀଛାତ୍ରଙ୍କ ଜଳସମାଧି।
- ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ବିଧାୟକ ଧ୍ରୁବ ଭଗତଙ୍କୁ ଜାମିନ ପ୍ରଦାନ।
- କେନ୍ଦ୍ରାପଡ଼ାରେ ୧୪୪ ଧାରା ଜାରି ସତ୍ତ୍ୱେ ଯୁବତୀ ବ୍ଲାକ୍‌ମେଲିଂ ର୍‍ୟାକେଟ ଘଟଣାର ସିବିଆଇ ତଦନ୍ତ ଦାବି ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଭିଯୋଗରେ ୬୦ ମହିଳାଙ୍କ ସମେତ ୩୧୧ ଗିରଫ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | 3 |
| | 3 | 1 | 2 | | | 4 | | |
| | | 2 | 3 | 8 | | 5 | | |
| | 7 | 9 | 1 | | | | | |
| 2 | | | | | 7 | | | |
| 6 | 8 | | | 5 | | | 4 | |
| | | 7 | | | | 9 | | 4 |
| | 2 | | | | 6 | | 5 | |
| | | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 6 | 7 | 5 | 9 | 3 | 8 | 4 |
| 3 | 4 | 5 | 2 | 8 | 6 | 9 | 1 | 7 |
| 8 | 9 | 7 | 3 | 1 | 4 | 2 | 6 | 5 |
| 7 | 2 | 3 | 9 | 6 | 8 | 4 | 5 | 1 |
| 9 | 8 | 1 | 4 | 3 | 5 | 7 | 2 | 6 |
| 6 | 5 | 4 | 1 | 2 | 7 | 8 | 3 | 9 |
| 5 | 7 | 8 | 6 | 9 | 2 | 1 | 4 | 3 |
| 4 | 3 | 2 | 5 | 7 | 1 | 6 | 9 | 8 |
| 1 | 6 | 9 | 8 | 4 | 3 | 5 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ନୈରାଶ୍ୟଜନକ ପରିସଂଖ୍ୟାନ

ମହାଶୟ,

ତାଜା ତଥ୍ୟ ଅନୁସାରେ ଅଣସଙ୍ଗଠିତ କ୍ଷେତ୍ରରେ ଇ–ଶ୍ରମ ପୋର୍ଟାଲରେ ସମଗ୍ର ଦେଶରେ ଡିସେମ୍ବର ୨୨ ସୁଦ୍ଧା ୨୮ କୋଟି ୪୬ ଲକ୍ଷ ଲୋକ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାରୁ ୮୮ ଲକ୍ଷ ୩୫ ହଜାର ପଞ୍ଜୀକୃତ ହୋଇଛନ୍ତି। ତେବେ ପଶ୍ଚିମବଙ୍ଗରୁ ୮୦ ଲକ୍ଷ ୩୫ ହଜାର, ଉତ୍ତରପ୍ରଦେଶରୁ ୭୭ ଲକ୍ଷ ୨ ହଜାର ଓ ଛତିଶଗଡ଼ରୁ ୮ ଲକ୍ଷ ୩ ହଜାର ଲୋକ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ଲୋକସଂଖ୍ୟା ଓଡ଼ିଶାର ଲୋକ ସଂଖ୍ୟାର ୨ଗୁଣ, ଉତ୍ତରପ୍ରଦେଶର ଲୋକ ସଂଖ୍ୟା ସାଢ଼େ ୩ ଗୁଣ ଓ ଛତିଶଗଡ଼ର ଲୋକ ସଂଖ୍ୟାର ପ୍ରାୟ ସମାନ ଥିବାବେଳେ ସେହି ୩ ରାଜ୍ୟରେ ଅପେକ୍ଷାକୃତ କମ୍ ଲୋକ ପଞ୍ଜୀକୃତ ହୋଇଛନ୍ତି। ଏହାଛଡ଼ା ସମଗ୍ର ଦେଶରେ ଯେତିକି ମହିଳା ପଞ୍ଜୀକୃତ ହୋଇଛନ୍ତି ଓଡ଼ିଶାରୁ ତାହାର ୧୫ ପ୍ରତିଶତ ଅଛନ୍ତି। ଓଡ଼ିଶା ସରକାର ଜନ୍ମଠାରୁ ଜୁଇ ପର୍ଯ୍ୟନ୍ତ ଶହ ଶହ ଯୋଜନା କାର୍ଯ୍ୟକାରୀ କରୁଥିବା ଓ ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଏହି ପରିସଂଖ୍ୟାନ ଭିନ୍ନ ବାର୍ତ୍ତା ଦେଉଛି। ତୃଣମୂଳସ୍ତରରେ ଲୋକଙ୍କର ଆର୍ଥିକ ଦୁଃସ୍ଥିତି କେତେ ଉତ୍କଟ ତାହା ଏହି ପରିସଂଖ୍ୟାନରୁ ସୂଚିତ ହେଉଛି। ଏ ସମ୍ପର୍କରେ ଅଧିକ ଅନୁଧ୍ୟାନର ଆବଶ୍ୟକତା ରହିଛି।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ
ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ
ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସି ଚୂତ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୪ ଜାନୁୟାରୀ, ୨୦୨୩

## ଗର୍ଲଫ୍ରେଣ୍ଡଙ୍କୁ ଭିଡିଓ କଲ୍ କରି ଯୁବକଙ୍କ ଆତ୍ମହତ୍ୟା

ପଶ୍ଚିମବଙ୍ଗର ନଦିଆ ଜିଲାରେ ୨୩ ବର୍ଷୀୟ ସୁଜଲ ଶାହା ପ୍ରତାରିତ ଅନୁଭବ କରି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଆତ୍ମହତ୍ୟା କଲାବେଳେ ଗର୍ଲଫ୍ରେଣ୍ଡଙ୍କ ସହ ଭିଡିଓ କଲ୍‌ରେ ଥିଲେ। ଶାନ୍ତିନଗର କଲୋନିରେ ରହୁଥିବା ଉକ୍ତ ଯୁବକ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଘର ପଛପଟୁ ବନ୍ଦ କରି ରଶି ଲଗାଇଥିଲେ ବୋଲି ପୋଲିସ କହିଛି। ଅଧିକ ତଦନ୍ତ ଲାଗି ପୋଲିସ ଉକ୍ତ ମୋବାଇଲ ଫୋନ୍‌କୁ ଜବତ କରିଛି। ସୁଜଲ ଜଣେ ସ୍ଥାନୀୟ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।



# ଜି୨୦ ଅଧ୍ୟକ୍ଷତା: ଭାରତଠାରୁ ଅନେକ ଆଶା

ଚଳିତ ବର୍ଷ ଭାରତର ଜି୨୦ ଅଧ୍ୟକ୍ଷତାରୁ ବିଶ୍ୱ ସମୁଦାୟ ଅନେକ କିଛି ଆଶା କରୁଛି ବୋଲି ଶୁକ୍ରବାର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଏଭା କହିଛନ୍ତି। ବର୍ତ୍ତମାନର ସଙ୍କଟ ସମୟରେ ଅନ୍ତର୍ଜାତୀୟ ସମୁଦାୟ ବିଶ୍ୱର ସମନ୍ୱିତ ଅର୍ଥନୀତିକୁ ସୁରକ୍ଷା ଦେବା ଜରୁରୀ ହୋଇପଡ଼ିଛି। ତେଣୁ ଭାରତ ଆମ ସମସ୍ତଙ୍କୁ ସାଙ୍ଗରେ ନେଇ ଏହି ବୃହତ୍ ବୈଶ୍ୱିକ ସେବା ପ୍ରଦାନ କରିବ ବୋଲି ସେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୧ରେ ଭାରତ ଆନୁଷ୍ଠାନିକ ଭାବେ ୨୦ ରାଷ୍ଟ୍ର ସମୂହର ଅଧ୍ୟକ୍ଷତା ଆରମ୍ଭ କରିଛି। ଆସନ୍ତା ସେପ୍ଟେମ୍ବର ୯-୧୦ରେ ନୂଆଦିଲ୍ଲୀରେ ହେବାକୁ ଥିବା ସମ୍ମିଳନୀରେ ଜି୨୦ ନେତୃବୃନ୍ଦ ଯୋଗଦେବେ।


 କ୍ରିଷ୍ଟାଲିନା ଜର୍ଜିଏଭା

# ଭାଜପା ନେତ୍ରୀଙ୍କ ବିରୋଧରେ ମହିଳା ଆୟୋଗ ଗଲେ ଉର୍ଫି

ଜାନୁୟାରୀ ୪ରେ ଭାଜପା ନେତ୍ରୀ ଚିତ୍ରା କିଶୋର ୱାଘ ଅଭିନେତ୍ରୀ ଉର୍ଫି ଜାଭେଦଙ୍କ ଅଶାଳୀନ ଡ୍ରେସିଂ ସେନ୍ସକୁ ନେଇ ଟ୍ୱିଟର୍‌ରେ ସମାଲୋଚନା କରିଥିଲେ। ଅର୍ଦ୍ଧନଗ୍ନ ମହିଳା ରାସ୍ତାରେ ଖୋଲାଖୋଲି ବୁଲୁଛନ୍ତି। ଏହା ଉପରେ ମହାରାଷ୍ଟ୍ର ମହିଳା କମିଶନଙ୍କ ଦୃଷ୍ଟି କାହିଁକି ପଡୁନି? ସର୍ବସାଧାରଣ ସ୍ଥାନରେ ଏପରି ମାନସିକତା ନିନ୍ଦନୀୟ। ମହିଳା କମିଶନ କିଛି କରିବେ କି ନାହିଁ ବୋଲି ଚିତ୍ରା ପ୍ରଶ୍ନ କରିଥିଲେ। ବିଗ୍ ବସ୍ ଓଟିଟି ଫେମ୍ ଉର୍ଫିଙ୍କ ଓକିଲ ନୀତିନ ସତପୁତେ ଶୁକ୍ରବାର ମହିଳା ଆୟୋଗ ରୂପାଲୀ ଚକାନକରଙ୍କ ଦ୍ୱାରସ୍ଥ ହୋଇ ଚିତ୍ରାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। 'ବେପନାହ' ଅଭିନେତ୍ରୀ ଉର୍ଫିଙ୍କୁ ଧମକ ଦେବା ଓ ପବ୍ଲିକ୍ ଡୋମେନ୍‌ରେ ତାଙ୍କ କ୍ଷତି କରିବା ନେଇ ସେ ଅଭିଯୋଗପତ୍ର ଦାଖଲ କରିଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ୧୦ ଶିରିଡ଼ି ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ନାସିକ/ନୂଆଦିଲ୍ଲୀ,୧୩।୧:** ମହାରାଷ୍ଟ୍ରର ଶିରିଡ଼ି ସାଇବାବା ମନ୍ଦିର ଯାଉଥିବା ତୀର୍ଥଯାତ୍ରୀମାନଙ୍କ ବସ୍ ଶୁକ୍ରବାର ସକାଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ନାସିକ ଜିଲାର ପାଥର୍ଡେ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ଉକ୍ତ ଲକ୍‌ଜୁରି ବସ୍ ଧକ୍କା ହୋଇଥିଲା। ବସ୍‌ରେ ୪୫ ଜଣ ତୀର୍ଥଯାତ୍ରୀ ଠାଣେର ଆମ୍ବେରନାଥ ସହରରୁ ଶିରିଡ଼ି ଯାଉଥିଲେ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ଲାଗି ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବାକୁ ଘୋଷଣା କରିଛନ୍ତି।

### ରାଜୌରୀ ଆତଙ୍କବାଦୀ ଆକ୍ରମଣର ତଦନ୍ତ କରିବ ଏନ୍ଆଇଏ

**ଜମ୍ମୁ,୧୩।୧(ପି.ଟି.):** ଜମ୍ମୁ-କଶ୍ମୀରର ରାଜୌରୀରେ ଘଟିଥିବା ଆତଙ୍କବାଦୀ ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ଦିଆଯାଇଥିବା ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଗତ ଦେଢ଼ବର୍ଷ ମଧ୍ୟରେ ଜମ୍ମୁରେ ଯେତେ ଆତଙ୍କବାଦୀ ଆକ୍ରମଣ ଘଟିଛି, ସେଗୁଡ଼ିକର ତଦନ୍ତ ମଧ୍ୟ ଏନ୍ଆଇଏ କରିବ। ଜମ୍ମୁ-କଶ୍ମୀର ପୋଲିସ ତଦନ୍ତରେ ସକ୍ରିୟ ସହାୟତା ଯୋଗାଇଦେବ ବୋଲି ଶାହା କହିଛନ୍ତି। ଜାନୁୟାରୀ ୧ ଓ ୨ରେ ରାଜୌରୀରେ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ୭ ଜଣଙ୍କ ଜୀବନ ଯିବା ସହ ୧୪ ଜଣ ଆହତ ହୋଇଥିଲେ। ଜମ୍ମୁ-କଶ୍ମୀର ଗସ୍ତରେ ଥିବା ଶାହା ସୁରକ୍ଷା ସଂସ୍ଥା ଓ ଉଚ୍ଚ ଅଧିକାରୀମାନଙ୍କ ସହ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

### ବିମାନରେ ପରିସ୍ରା ଅଭିଯୋଗକୁ ଖଣ୍ଡନ କଲେ ଶଙ୍କର ମିଶ୍ରା

**ନୂଆଦିଲ୍ଲୀ,୧୩।୧:** ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଅଭିଯୋଗକୁ ଅଭିଯୁକ୍ତ ଶଙ୍କର ମିଶ୍ରା ଶୁକ୍ରବାର ଦିଲ୍ଲୀର ଏକ ଅଦାଲତରେ ଖଣ୍ଡନ କରିଛନ୍ତି। ମହିଳା ନିଜେ ପରିସ୍ରା କରିଥିଲେ ବୋଲି ମିଶ୍ରାଙ୍କ ଓକିଲ କୋର୍ଟକୁ କହିଛନ୍ତି। ମହିଳା ଯାତ୍ରୀଙ୍କ ସିଟ୍ ଅବରୋଧ ଥିଲା ଓ ସେଠାକୁ ଅଭିଯୁକ୍ତ ଯିବା ସମ୍ଭବ ନୁହେଁ। ମହିଳାଙ୍କର ପରିସ୍ରା ନିୟନ୍ତ୍ରଣ କରିବାରେ ସମସ୍ୟା ରହିଛି। ମହିଳା ଜଣକ କଥକ ନୃତ୍ୟଶିଳ୍ପୀ। ୮୦ ପ୍ରତିଶତ କଥକ ଡ୍ୟାନ୍ସରଙ୍କର ଏଭଳି ସମସ୍ୟା ରହିଥିବା ଶଙ୍କର ମିଶ୍ରାଙ୍କ ଓକିଲ ଦିଲ୍ଲୀ କୋର୍ଟକୁ ଜଣାଇଛନ୍ତି।

# ଘୃଣା ମନ୍ତବ୍ୟ ଏକ ଆତଙ୍କ

## ଭାରତରେ ମୁକ୍ତ ଓ ସନ୍ତୁଳିତ ପ୍ରେସ୍ ଚାହୁଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୧

ଘୃଣା ମନ୍ତବ୍ୟକୁ ସୁପ୍ରିମକୋର୍ଟ ଏକ 'ସମ୍ପୂର୍ଣ୍ଣ ଆତଙ୍କ' ରୂପେ ଅଭିହିତ କରିବା ସହ ଏଥିପାଇଁ ଟିଭି ନ୍ୟୁଜ୍ କଣ୍ଟେଣ୍ଟ ଉପରେ ନିୟନ୍ତ୍ରଣର ଅଭାବକୁ ଦାୟୀ କରିଛନ୍ତି। ଭାରତୀୟ ଗଣମାଧ୍ୟମ ମୁକ୍ତ ଓ ସନ୍ତୁଳିତ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନା କହିଛନ୍ତି।

ଦେଶରେ ବଢ଼ିଚାଲିଥିବା ଘୃଣା ମନ୍ତବ୍ୟ ଉପରେ ଲଗାମ ଲଗାଇବା ଏବଂ ମନ୍ତବ୍ୟ ପ୍ରଦାନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ଦୁଇଜଣିଆ ଖଣ୍ଡପୀଠ ଶୁକ୍ରବାର ସେଗୁଡ଼ିକର ଶୁଣାଣିକରି କହିଛନ୍ତି, ଆଜିକାଲି ସବୁକିଛି ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଟେଲିଭିଜନ୍ ରେଟିଂ ପଏଣ୍ଟ (ଟିଆର୍‌ପି) ବଢ଼ାଇବା ପାଇଁ ଚାଲିଛି। ଚ୍ୟାନେଲଗୁଡ଼ିକ ପରସ୍ପର ସହ ପ୍ରତିଯୋଗିତା କରି ସମାଜରେ ବିଭାଜନ ସୃଷ୍ଟି କରୁଛନ୍ତି। ଜଣେ ଖବର ଉପସ୍ଥାପକ ଉଦ୍ଦେଶ୍ୟମୂଳକ ଭାବେ ଘୃଣା ମନ୍ତବ୍ୟ ବିସ୍ତାର କରୁଥିଲେ ତାଙ୍କ କାର୍ଯ୍ୟକ୍ରମକୁ କାହିଁକି ତତ୍କାଳ ବନ୍ଦ କରାଯିବ ନାହିଁ। ପ୍ରିଣ୍ଟ ମିଡିଆ ବା ଛାପା ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ପାଇଁ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ (ପିସିଆଇ) ରହିଛି। କିନ୍ତୁ ନ୍ୟୁଜ୍ ଚ୍ୟାନେଲ ପାଇଁ ଏପରି ନିୟନ୍ତ୍ରକ ସଂସ୍ଥା କାହିଁକି ନାହିଁ। ଆମେ ଅଭିବ୍ୟକ୍ତି ସ୍ୱାଧୀନତା ଚାହୁଁ କିନ୍ତୁ ବହୁମୂଲ୍ୟ ଦେଇ ନୁହେଁ। ଦେଶରେ ଘୃଣା ମନ୍ତବ୍ୟ ଏକ 'ସମ୍ପୂର୍ଣ୍ଣ ଆତଙ୍କ' ପାଲଟିଛି, ଯାହାକି ବନ୍ଦ ହେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି।




ଏୟାର ଇଣ୍ଡିଆ ବିମାନରେ ଜଣେ ମହିଳାଙ୍କ ଉପରେ ଶଙ୍କର ମିଶ୍ରା ପରିସ୍ରା କରିବା ଘଟଣାରେ ମିଡିଆ ଟ୍ରାଏଲ୍‌କୁ ନେଇ ଖଣ୍ଡପୀଠ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଜଣକଙ୍କ ବିରୋଧରେ ମାମଲା ବିଚାରାଧୀନ ରହିଛି। ତାଙ୍କୁ କଳଙ୍କିତ କରିବା ଅନୁଚିତ। କାରଣ ସମସ୍ତଙ୍କ ଆତ୍ମସମ୍ମାନ ରହିଛି। ଏକଥା ମିଡିଆରେ କାର୍ଯ୍ୟରତ ଲୋକେ ବୁଝିବା ଦରକାର। ଅନେକ ସମୟରେ ବିତର୍କର ସିଧାପ୍ରସାରଣ ଚାଲିଥିବାବେଳେ ଆଙ୍କର ପ୍ୟାନେଲରେ ବସିଥିବା ବକ୍ତାଙ୍କ ବିରୋଧୀ ମତକୁ ଅନୁମତି ଦେଇ ନ ଥାଆନ୍ତି ଅଥବା ତାଙ୍କ ସ୍ୱରକୁ ମ୍ୟୁଟ୍ କରିଦିଅନ୍ତି। ଟିଭି ଚ୍ୟାନେଲଗୁଡ଼ିକରେ କାର୍ଯ୍ୟକ୍ରମର ସଂହିତା ଉଲ୍ଲଂଘନ ଅଭିଯୋଗ ଆସିଲେ ମ୍ୟାନେଜମେଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

### ଲ' କମିଶନଙ୍କୁ ମିଳିବନି ବୈଧାନିକ ସଂସ୍ଥା ମାନ୍ୟତା

ଭାରତର ଲ' କମିଶନଙ୍କୁ ଏକ ସାମ୍ବିଧାନିକ ସଂସ୍ଥା ଭାବେ ଘୋଷଣା ପାଇଁ ସୁପ୍ରିମକୋର୍ଟରେ ଏକ ପିଆଇଏଲ୍ ଦାଖଲ ହୋଇଥିଲା। ସମ୍ବିଧାନର ତତ୍ତ୍ୱାବଧାରକ ଏବଂ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷାଦାତା ଭାବେ ସୁପ୍ରିମକୋର୍ଟ ୨୨ତମ ଲ' କମିଶନ ପାଇଁ ଚେୟାରପର୍ସନ ତଥା ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆଇନଜୀବୀ ଏଥିରେ ଉଲ୍ଲେଖ କରିଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି, ଆଇନ ମନ୍ତ୍ରଣାଳୟ ପକ୍ଷରୁ ୨୨ତମ ଲ' କମିଶନ ଗଠନ ହୋଇସାରିଛି। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ଏହା ବ୍ୟବସ୍ଥାପିକା ଅଧୀନରେ ଆସୁଛି। ଆମେ ଏହା ଉପରେ କିଛି କରିପାରିବୁ ନାହିଁ।

### ମହିଳାଙ୍କୁ କାର୍‌ରେ ଘୋଷାଡ଼ିବା ଘଟଣା: ୧୧ ପୋଲିସ ନିଲମ୍ବିତ

ନୂଆଦିଲ୍ଲୀ,୧୩।୧

ଦିଲ୍ଲୀର ସୁଲତାନପୁରୀରୁ କଞ୍ଝାୱାଲା ପର୍ଯ୍ୟନ୍ତ କାର ତଳେ ୨୦ ବର୍ଷୀୟ ଅଞ୍ଜଳି ସିଂଙ୍କୁ ଘୋଷାଡ଼ି ମାରିବା ଘଟଣାରେ କର୍ତ୍ତବ୍ୟରେ ଅବହେଳା ଲାଗି ୧୧ ଜଣ ପୋଲିସ ଅଧିକାରୀଙ୍କୁ ଶୁକ୍ରବାର ନିଲମ୍ବନ କରାଯାଇଛି। ନିଲମ୍ବିତ ପୋଲିସ ଅଧିକାରୀମାନେ ଜାନୁୟାରୀ ୧ ତାରିଖ ରାତିରେ ଉକ୍ତ ରୁଟ୍‌ରେ ପାଟ୍ରୋଲିଂ ଓ ପିକେଟ୍ ଡ୍ୟୁଟିରେ ଥିଲେ। ସ୍ୱତନ୍ତ୍ର କମିଶନର ଶାଲିନୀ ସିଂଙ୍କ ନେତୃତ୍ୱରେ ତଦନ୍ତକାରୀ କମିଟି ଦାଖଲ କରିଥିବା ରିପୋର୍ଟ ଆଧାରରେ ଉକ୍ତ ପୋଲିସ ଅଧିକାରୀମାନଙ୍କୁ ସସ୍‌ପେଣ୍ଡ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ହିଟ୍ ଆଣ୍ଡ ରନ୍ ମାମଲା ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇପାରେ ବୋଲି ଜଣାପଡ଼ିଛି। କାର୍ ତଳେ ଯୁବତୀଙ୍କୁ ୧୩ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ମାରିବା ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି।

### ପ୍ରତ୍ୟର୍ପଣ ବିଳମ୍ବ ଲାଗି ଆଣ୍ଟିଗୁଆ ବିଚାରପତିଙ୍କୁ ଲାଞ୍ଚ ଦେଇଛନ୍ତି ଚୋକ୍‌ସି

ସେଣ୍ଟ ଜନ୍ସ,୧୩।୧

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଆଣ୍ଟିଗୁଆରେ ନିଜର ସୁରକ୍ଷା ପାଇଁ ପୋଲିସ ଓ ବିଚାରପତିଙ୍କୁ ଲାଞ୍ଚ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ଜଣାଶୁଣା ଆର୍ଥିକ ଅପରାଧ ତଦନ୍ତକାରୀ କେନିଥ୍ ରିଜୋକ୍ ଏହି ତଦନ୍ତ କରିଥିଲେ। ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଉଦ୍ୟମ ଜାରି ରହିଥିବାବେଳେ ସେ ଲାଞ୍ଚ ଦେଇ ଏହାକୁ ବିଳମ୍ବିତ କରାଉଛନ୍ତି। ଏଥିପାଇଁ ସେ ବରିଷ୍ଠ ପୋଲିସ ଅଧିକାରୀ ଆଡୋନିସ୍ ହେନ୍‌ରି ଏବଂ ଆଣ୍ଟିଗୁଆ ମାଜିଷ୍ଟ୍ରେଟ କୋନ୍‌ଲିଫ୍ କ୍ଲାର୍କଙ୍କୁ ଲାଞ୍ଚ ଦେଇ ପ୍ରଭାବିତ କରିଥିବା ଜଣାପଡ଼ିଛି।





# ଆଦିଯୋଗୀ ମୂର୍ତ୍ତି ଉନ୍ମୋଚନକୁ ଅନୁମତି

ବେଙ୍ଗାଲୁରୁ,୧୩।୧

ବିବାଦ ମଧ୍ୟରେ ତାମିଲନାଡୁର ଚିକ୍କାବଲ୍ଲପୁର ଜିଲା ଇଶା ଯୋଗ କେନ୍ଦ୍ରର ଆଦିଯୋଗୀ ମୂର୍ତ୍ତି ଉନ୍ମୋଚନ ଲାଗି କର୍ଣ୍ଣାଟକ ହାଇକୋର୍ଟ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ଆସନ୍ତା ରବିବାର ୧୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିକୁ ଉନ୍ମୋଚନ କରାଯିବ। ତେବେ ମୂର୍ତ୍ତି ନିକଟରେ କୌଣସି ନିର୍ମାଣ କାର୍ଯ୍ୟ ନ କରି ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ନିର୍ମାଣ କାର୍ଯ୍ୟ ଜଙ୍ଗଲ ଓ ଜମି ଅଧିଗ୍ରହଣ ସମ୍ପର୍କିତ ବିଭିନ୍ନ ନିୟମ ଓ ଆଇନର ଉଲ୍ଲଂଘନ କରୁଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା।

# ଶୁଣାଣିରୁ ଓହରିଲେ ୨ ବିଚାରପତି

ନୂଆଦିଲ୍ଲୀ,୧୩।୧

### ସିଜେଆଇଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଥିଲେ। ଉକ୍ତ ରାୟର ପୁନର୍ବିଚାର ଲାଗି ହୋଇଥିବା ଆବେଦନର ଶୁଣାଣିରୁ ହାଇକୋର୍ଟ ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ସୁବ୍ରମଣ୍ୟମ ପ୍ରସାଦ ଶୁକ୍ରବାର ଓହରିଯାଇଛନ୍ତି। ପିଟିଶନରେ ବିଚାରପତିଙ୍କ ବିରୋଧରେ କେତେକ ଅଭିଯୋଗ ରହିଥିଲା। ତେଣୁ ସେମାନେ ମାମଲାର ଶୁଣାଣି କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାର ଶୁଣାଣି ଆସନ୍ତା ୧୬ ତାରିଖରେ ଅନ୍ୟ ଏକ ଖଣ୍ଡପୀଠରେ ହେବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଅନ୍ୟପକ୍ଷରେ ଆବେଦନକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ କେନ୍ଦ୍ର ସରକାରଙ୍କ ଓକିଲ ଦାବି କରିଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ନିଯୁକ୍ତିକୁ ବିରୋଧ କରି ସଞ୍ଜୀବ କୁମାର ତିୱାରି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଗତ ନଭେମ୍ବର ୧୧ରେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

# ସୋଲେଦାର ସହର ଦଖଲକଲା ରୁଷିଆ

କିଭ୍,୧୩।୧

ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ସୋଲେଦାର ସହରକୁ ରୁଷୀୟ ସୈନ୍ୟମାନେ ଦଖଲ କରିଥିବା ଶୁକ୍ରବାର ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଠାରେ ଦୀର୍ଘଦିନ ହେବ ରୁଷିଆ ଓ ୟୁକ୍ରେନ୍ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଲାଗିରହିଥିଲା। ଡୋନେସ୍କ ପ୍ରଦେଶର ସୋଲେଦାର ସହରକୁ ରୁଷିଆ ଅକ୍ତିଆର କରିବା ନେଇ ୟୁକ୍ରେନ୍ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଏକାଧିକ ଯୁଦ୍ଧକ୍ଷେତ୍ରରେ ବିଫଳ ହେବା ପରେ ଉପରୋକ୍ତ ସହର ଦଖଲ କରିବା କ୍ରେମ୍‌ଲିନ୍ ପାଇଁ ଏକ ବିରଳ ବିଜୟ ସୂଚନା ବୋଲି କୁହାଯାଉଛି। ଆରମ୍ଭରୁ ରୁଷିଆ ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ଟାର୍ଗେଟ କରିଥିଲା ଏବଂ ଏହାକୁ ରୁଷିଆର ଅଞ୍ଚଳ ବୋଲି ଦାବି କରିଆସୁଥିଲା। ଗୁରୁବାର ସନ୍ଧ୍ୟାରେ ସୋଲେଦାର ସହର ସ୍ୱାଧୀନ ହୋଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଇଗୋର କୋନାଶେଙ୍କୋଭ୍ କହିଛନ୍ତି। ଡୋନେସ୍କ ଅଞ୍ଚଳରେ ଆକ୍ରମଣ ଜାରି ରଖିବା ଲାଗି ଏହା ଜରୁରୀ ଥିଲା ବୋଲି ସେ ମତ ଦେଇଛନ୍ତି।

ସୋଲେଦାର ରୁଷିଆ ନିୟନ୍ତ୍ରଣକୁ ଆସିଯାଇଥିବାରୁ ଏଣିକି ଏହାର ସୈନ୍ୟମାନେ ଡୋନେସ୍କ ସହରର ବଖମୁଟରେ ଥିବା ୟୁକ୍ରେନୀୟ ସୈନ୍ୟଙ୍କ ଯୋଗାଣ ଲାଇନ କାଟିପାରିବେ ଏବଂ ସେଠାରେ ୟୁକ୍ରେନ୍ ୟୁନିଟ୍‌କୁ ଚାରିପଟୁ ଘେରିପାରିବେ ବୋଲି କୋନାଶେଙ୍କୋଭ୍ କହିଛନ୍ତି।

### ମରିବାକୁ ଚାହୁଁଥିଲେ ସଞ୍ଜୟ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ଇଣ୍ଡଷ୍ଟ୍ରିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ କ୍ୟାନ୍ସରକୁ ହରାଇ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେ ଏକ କାର୍ଯ୍ୟକ୍ରମରେ ତାଙ୍କ କ୍ୟାନ୍ସ ଯାତ୍ରା ବିଷୟରେ ଆଲୋଚନା କରିଛନ୍ତି। 'କେଜିଏଫ୍-୨' ଶୁଟିଂ ବେଳେ ପିଠିରେ ଯନ୍ତ୍ରଣା ହେବାରୁ ସେ ଗରମ ପାଣି ଏବଂ ଔଷଧ ନେଉଥିଲେ ମଧ୍ୟ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ପରୀକ୍ଷା କରିବାରୁ ତାଙ୍କୁ କ୍ୟାନ୍ସର ହୋଇଥିବା ଜଣାପଡ଼ିଥିଲା। ସେତେବେଳେ ସେ କେମୋ ନ ନେଇ କେବଳ ମରିବାକୁ ଚାହୁଁଥିଲେ। କାରଣ ତାଙ୍କ ପରିବାରରେ ମା' ଓ ପ୍ରଥମ ସ୍ତ୍ରୀଙ୍କର କ୍ୟାନ୍ସରରେ ମୃତ୍ୟୁ ଘଟିଥିଲା। ହେଲେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମାନ୍ୟତା ଏବଂ ୨ ଭଉଣୀଙ୍କ ସମର୍ଥନ ପାଇ ସେ ବଞ୍ଚିଯାଇଛନ୍ତି।



# ବିଶ୍ୱର ଦୀର୍ଘତମ ରିଭର କ୍ରୁଜ୍ ଗଙ୍ଗା ବିଳାସର ଶୁଭାରମ୍ଭ

ବାରାଣସୀ,୧୩।୧(ପି.ଟି.)

ବିକଶିତ ଭାରତ ନିର୍ମାଣ ଲାଗି ସୁଦୃଢ଼ ସଂଯୋଗ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିଶ୍ୱର ଦୀର୍ଘତମ ରିଭର କ୍ରୁଜ୍ 'ଏମ୍‌ଭି ଗଙ୍ଗା ବିଳାସ'ର ଯାତ୍ରା ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଉତ୍ତରପ୍ରଦେଶର ବାରାଣସୀରୁ ଏହି ଜାହାଜ ଚଳାଚଳର ଶୁଭାରମ୍ଭ କରିଥିଲେ। ଉକ୍ତ ଜାହାଜ ୫୧ ଦିନରେ ୩,୨୦୦ କିଲୋମିଟର ଅତିକ୍ରମ କରି ବାଂଲାଦେଶ ଦେଇ ଆସାମର ଡିବ୍ରୁଗଡ଼ରେ ପହଞ୍ଚିବ। ଏହା ୨୭ଟି ନଦୀ ମଧ୍ୟଦେଇ ଗତି କରିବ। ପ୍ରଥମ ଟ୍ରିପ୍‌ରେ ୩୨ ଜଣ ସୁଇଜରଲାଣ୍ଡ ପର୍ଯ୍ୟଟକ ଉକ୍ତ କ୍ରୁଜ୍‌ରେ ଯାତ୍ରା କରୁଛନ୍ତି।

ପ୍ରଧାନମନ୍ତ୍ରୀ ବାରାଣସୀରେ ଟେଣ୍ଟ ସିଟିକୁ ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟକମାନଙ୍କ ରହିବା ଲାଗି ପବିତ୍ର ସହରର ଗଙ୍ଗାନଦୀ କୂଳରେ ଏହି ସହର ନିର୍ମାଣ ହୋଇଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିହାର ଓ ଆସାମରେ ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକାଧିକ ଅନ୍ତର୍ଦେଶୀୟ ଜଳମାର୍ଗ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାଶୀରୁ ଡିବ୍ରୁଗଡ଼ ଦୀର୍ଘତମ ରିଭର କ୍ରୁଜ୍ ଉତ୍ତର ଭାରତର ପର୍ଯ୍ୟଟନ ସ୍ଥାନଗୁଡ଼ିକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବ ବୋଲି ମୋଦି କହିଛନ୍ତି। ଗୋଟିଏ ପଟେ ଗଙ୍ଗା ପରିଷ୍କରଣ ଲାଗି ନମାମି ଗଙ୍ଗେ ଅଭିଯାନ ଜାରି ରହିଥିବାବେଳେ ଅନ୍ୟ ପଟେ ଗଙ୍ଗା ପ୍ରବାହିତ ହେଉଥିବା ରାଜ୍ୟଗୁଡ଼ିକର ଆର୍ଥିକ ବିକାଶ ଲାଗି ପରିବେଶ ସୃଷ୍ଟି ନିମନ୍ତେ 'ଅର୍ଥ ଗଙ୍ଗା' ଅଭିଯାନକୁ ହାତକୁ ନିଆଯାଇଛି। ପର୍ଯ୍ୟଟକମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ବହୁତ କିଛି ରହିଛି, ଯାହା ଆପଣମାନଙ୍କ କଳ୍ପନାର ବାହାରେ। ଗଙ୍ଗାନଦୀରେ କ୍ରୁଜ୍ ସେବାର ଆରମ୍ଭ ଏକ ଐତିହାସିକ ମୁହୂର୍ତ୍ତ। ଏହା ଭାରତର ପର୍ଯ୍ୟଟନ ପାଇଁ ଏକ ନୂତନ ଯୁଗର ସୂଚନା ଦେଉଛି। ପର୍ଯ୍ୟଟନକୁ ଏହା ଆଗେଇନେବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗଙ୍ଗା ବିଳାସ ଏକ ଗତିଶୀଳ ପଞ୍ଚତାରକା ହୋଟେଲ ଯେଉଁଥିରେ ୧୮ଟି ସୁଟ୍ ରହିଛି ବୋଲି ଏହାର ନିର୍ଦ୍ଦେଶକ ରାଜ ସିଂ କହିଛନ୍ତି। ଏଥିରେ ୩୬ ଜଣ ପର୍ଯ୍ୟଟକ ଏବଂ ୪୦ କ୍ରିଉ ସଦସ୍ୟ ଯାଇପାରିବେ। ଜାହାଜର ଲମ୍ବ ୬୨ ମିଟର ହୋଇଥିବାବେଳେ ଓସାର ୧୨ ମିଟର ରହିଛି। ଏହା ବିହାରର ପାଟନା, ଝାଡ଼ଖଣ୍ଡର ଶାହିଗଞ୍ଜ, ପଶ୍ଚିମବଙ୍ଗର କୋଲକାତା, ବାଂଲାଦେଶର ଢାକା ଏବଂ ଆସାମର ଗୁଆହାଟୀ ଆଦି ବୃହତ୍ ନଗରୀ ସମେତ ବିଶ୍ୱ ଐତିହ୍ୟ, ଜାତୀୟ ଉଦ୍ୟାନ, ନଦୀଘାଟ ଆଦି ୫୦ଟି ପର୍ଯ୍ୟଟନ ସ୍ଥଳକୁ ସ୍ପର୍ଶ କରିବ। ଏଥିରେ ସ୍ପା, ସେଲୁନ୍, ଜିମ୍ ଆଦି ସୁବିଧା ସାଙ୍ଗକୁ ପ୍ରଦୂଷଣ ମୁକ୍ତ ସିଷ୍ଟମ ଓ ଶବ୍ଦ ନିରୋଧୀ ପ୍ରଯୁକ୍ତି ରହିଛି। ୫୧ ଦିନ ଯାତ୍ରା ଲାଗି ପ୍ରତି ଯାତ୍ରୀଙ୍କୁ ପାଖାପାଖି ୨୦ ଲକ୍ଷ ଟଙ୍କା ଭଡ଼ା ଦେବାକୁ ପଡ଼ିବ।



### ବିକଶିତ ଭାରତ ନିର୍ମାଣ ଲାଗି ସୁଦୃଢ଼ ସଂଯୋଗ ଜରୁରୀ: ମୋଦି

**ବିଡିଓଙ୍କୁ ଫେରାଦ ହେଲେ ମହିଳା**

ତରଭା,(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କା ଘର ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ଗ୍ରାମ ପଞ୍ଚାୟତରେ। ପଞ୍ଚାୟତର ପୀତାମ୍ବର ଗୋଠର କେତେଜଣ ମହିଳା ଏନେଇ ତରଭା ବିଡ଼ିଓ ବିନୟ କୁମାର ପଟେଲଙ୍କ ଠାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ବର୍ତ୍ତମାନ ସରକାରୀ ଜାଗାରେ ରହୁଥିବାରୁ ଉକ୍ତ ଜାଗାରେ ସେମାନେ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରି ନ ପାରି ଭଙ୍ଗା ଘରେ ରହୁଛନ୍ତି।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।



ଟ୍ରଫି ସହିତ ଉଭୟ ଦଳର ଖେଳାଳି।

**ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

# ଟାଙ୍ଗରସାହିକୁ ହରାଇ ଦେଉଳମୁଣ୍ଡା ଚାମ୍ପିୟନ

**ଅମରପାଲି,୧୩।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦେଉଳମୁଣ୍ଡା ଖେଳପଡ଼ିଆରେ ହେଉଥିବା ମା'ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଙ୍ଗରସାହିକୁ ହରାଇ ଦେଉଳମୁଣ୍ଡା ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ତିନୋଟି ଫର୍ମାଟରେ ହୋଇଥିବା ଫାଇନାଲ ମ୍ୟାଚର ପ୍ରଥମ ଫର୍ମାଟରେ ଟାଙ୍ଗରସାହି ଦଳ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ଦୁଇଟି ଫର୍ମାଟରେ ଦେଉଳମୁଣ୍ଡା ଦଳ ବିଜୟୀ ହୋଇଥିଲା। ଫଳରେ ଦେଉଳମୁଣ୍ଡା ୨-୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ବାଗବର ପଞ୍ଚାୟତ ସମିତି ସଭ୍ୟା ବବିତା ବାଘ, ଡୁମୁରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଭୋଇ, ଖିରାନବ ମହାକୁର, ଧ୍ରୁବ ଚରଣ ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦେଉଳମୁଣ୍ଡା ଦଳକୁ ଟ୍ରଫି ସହ ନଗଦ ୧୪ହଜାର ଟଙ୍କା ଓ ଉପ ବିଜେତା ଟାଙ୍ଗରସାହି ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ରାଜ କୁମାରଙ୍କୁ ମ୍ୟାନ ଅଫ ଦି ସିରିଜ, ମିଲନ ଚାନ୍ଦ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ରାହୁଲ ଚାନ୍ଦଙ୍କୁ ଶ୍ରେଷ୍ଠ ବୋଲର, ବୁଲବୁଲ ମହାକୁର ଶ୍ରେଷ୍ଠ ସିକ୍ସର ଓ ଶ୍ରେଷ୍ଠ ଫିଲଡର୍ ଓ ଗୌରାଙ୍ଗ ମହକୁରଙ୍କୁ ଶ୍ରେଷ୍ଠ କ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରଞ୍ଜିତ ଚାନ୍ଦ ଓ ପଦ୍ମଲୋଚନ ପାଢ଼ୀ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ତିଳକ ଚାନ୍ଦ ସ୍କୋରିଂ ଏବଂ ଶୁଭ୍ରାଂଶୁ ଶେଖର ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଅମରପାଲି,୧୩।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ସଭାରେ କଲେଜର ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଜିଲା ସଂଯୋଜକ ମଧୁସୁଦନ ପୁଜାହାରୀ ଯୋଗଦେଇ ତଲିମ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ କହିଥିଲେ। ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ନୋଡାଲ ଅଫିସର ଡା. କିରଣବାଳା ଦାସ ଯୋଗଦେଇ ନୈତିକତାକୁ ଜୀବନର ମନ୍ତ୍ର କଲେ ସଫଳତା ସୁନିଶ୍ଚିତ ବୋଲି କହିଥିଲେ। ପ୍ରୋଗ୍ରାମ କୋଅର୍ଡିନେଟର ପ୍ରତିମା ବାରିକ ଆତ୍ମବିଶ୍ୱାସ ବଳରେ ନିଜେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କହିଥିଲେ। ଅଧ୍ୟାପିକା ଦେବଜାନୀ ମେଶ୍ରୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାଷ୍ଟର୍ ଟ୍ରେନର୍ କଲ୍ୟାଣମୟୀ ତ୍ରିପାଠୀ ଓ କଲ୍ୟାଣୀ ମେହେର ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଆତ୍ମସୁରକ୍ଷାର କୌଶଳ ପ୍ରଦର୍ଶନ କରିଥିଲେ। ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ ଅସହାୟଙ୍କୁ କମ୍ବଳ ପ୍ରଦାନ

**ସୋନପୁର,୧୩।୧(ନି.ପ୍ର.)**



ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସ ପକ୍ଷରୁ ଗରିବ ଓ ଅସହାୟଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ଜୁନିୟର ରେଡକ୍ରସର ସ୍ୱେଚ୍ଛାସେବୀମାନେ ସୋନପୁର ସହର ନାରାୟଣ ସେବା ସଦନ ଓ ସାନଝିଙ୍କିସ୍ଥିତ ବୃଦ୍ଧାଶ୍ରମରେ ବସବାସ କରୁଥିବା ଅନ୍ତେବାସୀମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସେହିପରି ବିନିକା ବ୍ଲକ ମହଦାରେ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଅସହାୟ ଓ ଗରିବ ମହିଳାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସର ଭାଇସ ଚେୟାରମ୍ୟାନ ଗତିକୃଷ୍ଣ ମିଶ୍ର, ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ସତ୍ୟ ନାରାୟଣ ହୋତା, ଉମାକାନ୍ତ ନାଗ, ଚନ୍ଦ୍ରମଣି ବାଘ, ଗୋପେଶ ପଣ୍ଡା, ବୈକୁଣ୍ଠ ନାୟକ, ଚନ୍ଦ୍ର ଶେଖର ମହାପାତ୍ର, ପ୍ରହଲ୍ଲାଦ ନାୟକ, ସନ୍ତୋଷିନୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ବଳିପାଲିରେ ଜଳୁନି ହାଇମାଷ୍ଟ ଲାଇଟ

**ଅମରପାଲି,୧୩।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଳିପାଲି ଗାଁ ଛକରେ ଲାଗିଥିବା ହାଇମାକ୍ସ ଲାଇଟ ଜଳୁନାହିଁ । ଫଳରେ ଗାଁ ଛକ ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ରହୁଛି । ଦୀର୍ଘ ଦିନ ହେଲା ଉକ୍ତ ଲାଇଟ ଅଚଳ ହୋଇଥିଲେ ମଧ୍ୟ କେହି ଏହାକୁ ମରାମତି କରୁ ନ ଥିବା ଅଭିଯୋଗ ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗାଁ ଛକରେ ହାଇମାକ୍ସ ଲାଇଟ ଲଗାଯାଇଥିଲା। ଲାଇଟ ଲାଗିବାର କିଛି ଦିନ ପରେ ଏହା ଅଚଳ ହୋଇଯାଇଛି। ଏନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗ ଅଧିକାରୀ, ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ସମିତି ବୈଠକ

**ଡୁଙ୍ଗୁରିପାଲି,୧୩।୧(ଡି.ଏନ.ଏ.)**



ସମିତି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ସମିତି ସଭ୍ୟାସଭ୍ୟ,ସରପଞ୍ଚ ଓ ଜନ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତରେ ଯେପରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପହଞ୍ଚି ପାରିବ ସେ ଦିଗରେ ସମସ୍ତ ଜନପ୍ରତିନିଧି କାମ କରିବାକୁ କହିଥିଲେ। ବିଡିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମିତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଉପସ୍ଥିତ ରହିଥିଲେ। ଆଗାମୀ ଆର୍ଥିକ ବର୍ଷରେ ହେବାକୁ ଥିବା ପଞ୍ଚାୟତଗୁଡିକର ବିଭିନ୍ନ ଉନ୍ନୟମମୂଳକ ଯୋଜନା ମଞ୍ଜୁର କରିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ତମାମୁରା ପଞ୍ଚାୟତ ସମିତି ସଭ୍ୟ ପର୍ଶୁରାମ ପୂଜାରୀ ଭାଟବାହାଲି ଗ୍ରାମରେ ଥିବା ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ। ଡୁଙ୍ଗୁରିପାଲି କଲେଜରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କଲେଜ ପରିସରରେ ଶୌଚାଳୟ ନିର୍ମାଣ କରିବାକୁ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ଦାବି କରିଥିଲେ। ବୈଠକରେ ବିଦ୍ୟାଳୟଗୁଡିକର ଭିତ୍ତିଭୂମି, ଶିକ୍ଷକଙ୍କ ସ୍ଥିତି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ଗୃହ ନିର୍ମାଣ, ରାସ୍ତାଘାଟ ନିର୍ମାଣ, ପଞ୍ଚାୟତଗୁଡିକରେ ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିପିଓ ନବକିଶୋର ମିଶ୍ର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ, ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ରଞ୍ଜନ ଠେଲା, ସିଡିପିଓ ଜୟନ୍ତୀ ଗଡତିଆ, ଏଇ ଶୋଭନାଦ ମାଝୀଙ୍କ ସହ ସମସ୍ତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ।

# ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ରକ୍ତଦାତା ରକ୍ତଦାନ କରୁଛନ୍ତି।

**୩୬ ୟୁନିଟ୍ ରକ୍ତ ସଂଗ୍ରହ**

**ସୋନପୁର,୧୩।୧(ନି.ପ୍ର.)**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଜାତୀୟ ଯୁବ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସୋନପୁର ପେଲେସ ଗାର୍ଡେନସ୍ଥିତ ଗାୟତ୍ରୀ ପ୍ରଜ୍ଞା ପୀଠ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଟେକ୍‌ନିସିଆନ ଟିଟୁ ଭୋଇ, ଜଗତ ଦରୱାନ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ସୌମିତ୍ରୀ ଥନାପତି, ସୁଦାମ ଦିଶ୍ରି, ପ୍ରମୋଦ ଚାନ୍ଦ, ପ୍ରଭାକର ଦଳାଇ, କମଳ ଲୋଚନ ପ୍ରଧାନ, ତ୍ରିନାଥ ରଣା, ସନ୍ତୋଷ ଘିବଲା ଓ ପ୍ରତାପ କେଶରୀ ରାୟଗୁରୁ ଶିବିର ଆୟୋଜନରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଗାୟତ୍ରୀ ପ୍ରଜ୍ଞା ପୀଠ ପରିସରରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

# କାର୍ଯ୍ୟର ସଫଳ ରୂପାୟନକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧିବୃନ୍ଦ।

**ବରଗଡ଼ ଅଫିସ୍,୧୩।୧**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଡିଆଇଏସ୍ଏଚ୍ଏ (ଦିଶା)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବିଦ୍ୟୁତ, ଆରଡବ୍ଲୁଏସ୍ଏସ୍, କୃଷି, ଯୋଗାଣ ଆଦି ବିଭାଗର ସମୀକ୍ଷା ହୋଇଥିଲା। ସବୁ ବିଭାଗରେ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଭିନ୍ନ ବ୍ଲକର ଅଧ୍ୟକ୍ଷା, ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।


No. O-1615

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGARH**
E-mail ID: eerw_titilagarh@yahoo.co.in
**e-Procurement Notice**
**IFB IDENTIFICATION NO. SETIG-online-04/2022-23**

| | | | |
|---|---|---|---|
| 1. | Name of work | : | Road works |
| 2. | Total no. of works | : | 03 (Three) nos. |
| 3. | Approximate Estimated Cost | : | Varies from Rs.29.00 to 44.00 lakhs |
| 4. | Time for completion | : | 02 (Two) calendar months |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. SETIG-online-04/2022-23 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Superintending Engineer, R.W.Divn., Titilagarh | SETIG-online-04/2022-23 | 17.01.2023 at 11.00 A.M. | 27.01.2023 upto 5.00 PM | 25.01.2023 to 11.00 AM | 30.01.2023 at 11.00 A.M. |

- Further details can be seen from the website www.tenders.ori.nic.in.
- Any Corrigendum/Addendum will be displayed in the above e-tender website only.

OIPR-25078/11/0007/2223 **Sd./- Superintending Engineer, R.W. Division, Titilagarh**

**GOVERNMENT OF ODISHA**
**Office of the Executive Engineer, N.H. Division, Bhubaneswar**
E-mail- eenh_bbsr@yahoo.co.in, Ph. No.-0674-2972908
**INVITATION FOR BIDS**
**BID IDENTIFICATION NO. 13 EE NH, BBSR of 2022-23**

No.b-38:- The Executive Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Single cover system on online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

1.

| Sl No. | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Shifting & relocation of existing lines & S/S for improvement of major junction at Km.239.700 on NH-57 in Nayagarh Municipality area, Dist.- Nayagarh under Electrical Section, Nayagarh (on deposit of 6% supervision charges)." | Rs. 30,49,092/- (Excluding GST) | NH Sub Division, Nayagarh | Rs. 30,491/- | Rs.6000/- | "C" & "B" | 02 (Two) calendar months |

The bidders have to participate in ONLINE bidding only. The website for "ONLINE BIDDING" is http://tendersodisha.gov.in.
2. Bid documents will be available in above website from Dt.17.01.2023 to Dt.31.01.2023 up to 17.30 Hours. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 11.30 hours on Dt.01.02.2023. The bidder must possess matching class compatible Digital Signature certificate (DSC). Further details and other terms and conditions can be seen from the website www.tendersodisha.gov.in. 3. Subsequent corrigendum / addendum if required shall be available in the website as indicated above. 4. The authority reserves the right to cancel any/all bids without assigning any reason.

**OIPR-34044/11/0004/2223** **Sd./- Executive Engineer, N.H. Division, Bhubaneswar**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
**No.O-1624:** **No.256/ Date: 11.01.2023**
**e-Procurement Notice for Road Works**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Total No. of Packages | : | 08 Nos. of Road Works under Improvement of Existing RD road for the year 2022-23 |
| 3 | Estimated Cost of the Package | : | Varies from Rs.88.32 Lakhs to Rs.637.21 Lakhs |
| 4 | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 crore | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5 | Period of Completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of Tender online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C. 01 of 2023 | 19.01.2023 at 11.00 A.M. | 02.02.2023 upto 5.00 P.M. | 03.02.2023 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in.
**OIPR-25082/11/0035/2223** **Sd./- Chief Construction Engineer, Central Rural Works Circle, Bhubaneswar**

**OFFICE OF THE NOTIFIED AREA COUNCIL KAMAKHYANAGAR**
**"e" Procurement Notice**
**Notice No.134 NAC (K) Dt.12.01.23**
**Tender Reference No.KNR-NAC-/2022-23**

**No.C-2268:**The Notified Area Council, Kamakhyanagar invites online bid in single cover system through "e" Procurement.
Total Nos. of Works: 16 (Sixteen)
Value of works: Rs.4,05,650.00 to Rs.19,95,200.00
Date of availability of Tender for online bidding : From Dt.16.01.2023 at 11.00 A.M. upto 30.01.2023 at 5.00 P.M.
Date of Opening of Bid : Dt.31.01.2023 at 11.00 A.M.
Further details can be seen from the website: www.tendersorissa.gov.in.

**Sd./- Executive Officer**
**OIPR-13128/11/0019/2223** **N.A.C., Kamakhyanagar**

**ZILLA SWASTHYA SAMITI KHORDHA**
**(Department of Health & FW, Govt. of Odisha**
**SHORT TENDER CALL NOTICE**
Adv. No. 03/2022-23 Date: 13.01.2023

No. E-820:- Sealed tenders are invited from the reputed manufacturer/ Authorized suppliers having valid GSTIN/PAN for supply of following IEC materials to office of the CDM & PHO, Khordha on annual rate contract basis.

**PRINTING & SUPPLY OF IEC MATERIALS, FORMS & OFFICE STATIONERY**

The sealed quotation should reach at O/o CDM & PHO, Khordha in any working day by 30.01.2023 till 11.30 AM along with all required documents by Speed Post/ Regd. Post/ Courier only by superscribing on the top of the envelope **"TENDER FOR SUPPLY OF IEC MATERIALS & PRINTING OF FORMS AND OFFICE STATIONERY, KHORDHA & TENDER REF NO. 03/22-23"**. The tender will be opened on 31.01.2023 at 11.00 AM in the office of the undersigned in presence of the bidders/ authorised representative of the quotationers. Details regarding items and terms & conditions may be download from **www.khordha.nic.in**. The undersigned reserves the right to accept or reject any or all the quotations without assigning any reason thereof.

**Sd./- CDM & Public Health Officer, Khordha**
OIPR-10173/11/0011/2223

**BHUBANESWAR MUNICIPAL CORPORATION**
**"e" Procurement Notice**
**No.C-2265:** **e-mail:ee2@bmc.gov.in**

1. Bid Reference No. : BMC-DIV-II-29/2022-23, Dt.12.01.2023
2. Tender Call Notice No. : 1542, Dtd.12.01.2023
3. No. of Work : 23 Nos.
4. Bid Value : Rs.51,34,374.00 to Rs.97,62,708.00
5. Period of Completion : 120 days

Critical Dates:

| Sl. No. | Description | Critical Dates |
|---|---|---|
| (i) | Period of availability of tenders online for bidding | From Dt.13.1.23 from 11.00 A.M. to Dt.27.1.23 upto 5.00 PM |
| (ii) | Last date & time of seeking clarifications (if any) | Dt.17.1.23 upto 5.00 PM |
| (iii) | Last date & time of bidding online | Dt.27.1.23 upto 5.00 PM |
| (iv) | Date & Time of opening of the Technical Bids received online | Dt.30.1.23 (11.30 AM onwards) |
| (v) | Date & Time of opening of Price Bid/ Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online |

6. Tender details can be seen from the e-Procurement portal https://www.tendersodisha.gov.in. & BMC website https://www.bmc.gov.in.

**Sd./-Executive Engineer, II**
**OIPR-13002/11/0213/2223** **Bhubaneswar Municipal Corporation**

## ଜାତୀୟ ଯୁବ ଦିବସ ପାଳିତ

ହେମଗିର (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ୟୁଥ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଯଦୁମଣି ଦାସଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ଦାସ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ନନ୍ଦିତା ନନ୍ଦି, ରୂପେନ୍ଦ୍ର କୁମାର ବାଗ ସମେତ ବିଦ୍ୟାଳୟର ଅଧାପିକା ଅଧାପକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦେବଗଡ଼ ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ଦେବଗଡ଼, ୧୩।୧(ଡି.ଏନ୍.ଏ.):** ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ଚୂଡ଼ାନ୍ତ ଭୋଟର ତାଲିକାକୁ ଦେବଗଡ଼ ଉପଜିଲାପାଳ ତଥା ଭୋଟର ତାଲିକା ପଞ୍ଜିକରଣ ଅଧିକାରୀ ବ୍ରଜବନ୍ଧୁ ଭୋଇ ପ୍ରକାଶ କରିଛନ୍ତି। ସଂଶୋଧିତ ଭୋଟର ତାଲିକା ଅନୁଯାୟୀ ଦେବଗଡ଼ ଜିଲାର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୪୨ ହଜାର ୧୩୦ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଏକଲକ୍ଷ ୨୧ ହଜାର ୭୬୪ ପୁରୁଷ ଓ ଏକଲକ୍ଷ ୨୦ ହଜାର ୩୫୬ ଜଣ ମହିଳା ରହିଛନ୍ତି। ସେହିପରି ୧୦ ଜଣ ତୃତୀୟ ଲିଙ୍ଗର ଭୋଟର ରହିଥିବା ଜଣାପଡିଛି। ଉକ୍ତ ଚୂଡ଼ାନ୍ତ ଭୋଟର ତାଲିକାର ନକଲ ଜିଲାର ସମସ୍ତ ପଞ୍ଜିକୃତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯିବା ସହ ସମସ୍ତ ବ୍ଲକ, ତହସିଲ ଏବଂ ପୌର କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯାଇଛି।

### ବିଜେଡି ପକ୍ଷରୁ ବିବେକାନନ୍ଦ ଜୟନ୍ତୀ

**ସୁନ୍ଦରଗଡ଼,୧୩।୧(ଡି.ଏନ.ଏ.):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଡିଆରଡିଏ ଛକ ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ପୌରପାଳିକାର ଉପନଗରପାଳ ଲଲାଟେନ୍ଦୁ ପରିଡା କହିଥିଲେ ବିବେକାନନ୍ଦ ଆମ ଦେଶର ଏକ ଗର୍ବ ଓ ଗୌରବ ବ୍ୟକ୍ତିତ୍ୱ। ତାଙ୍କୁ ଦେଶବାସୀ ସଦାସର୍ବଦା ମନେ ରଖିବେ ବୋଲି କହିଥିଲେ। ଏହି ଜୟନ୍ତୀ ଉତ୍ସବରେ ଜିଲା କୃଷକସେଲ ସମ୍ପାଦକ ସୁନୀଲ ମହାପାତ୍ର, କାଉନସିଲର ଅନିଲ ମହାପାତ୍ର, ଏମଡି ଆଜାର୍ ହୁସେନ, ସୁମନ୍ତ ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶିବାଜୀ ନାଏକ, ଗୌରାଙ୍ଗ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିଛି : କୋଚ୍ ଗ୍ରାହମ ରିଡ୍

ରାଉରକେଲା ଅଫିସ,୧୩।୧

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପ୍ରଥମ କରି ଆୟୋଜିତ ହେଉଥିବା ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସ୍ପେନ ଦଳକୁ ୨-୦ ଗୋଲରେ ହରାଇ ବିଜୟ ଯାତ୍ରା ଆରମ୍ଭ କରିଛି। ମ୍ୟାଚ୍ ଜିତିବା ପରେ ଷ୍ଟାଡିୟମ ପରିସରରେ ଥିବା ମିଡିଆ କନଫରେନ୍ସ ହଲରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଭାରତ ଦଳର କୋଚ୍ ଗ୍ରାହମ ରିଡ୍ କହିଥିଲେ ଯେ, ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆମେ ପ୍ରାୟ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ହେବ ଅଭ୍ୟାସ ମ୍ୟାଚ୍ ଖେଳି ସାରିଥିଲୁ । ଆମେ ବିଶେଷ କରି ଆଜି ସ୍ପେନ ବିପକ୍ଷରେ ପ୍ରଥମରୁ ଆକ୍ରମକ ଭାବେ ଖେଳ ପ୍ରଦର୍ଶନ କରିବୁ ବୋଲି ଲକ୍ଷ୍ୟ ରଖିଥିଲୁ। ଟିମ୍‌ର ଫରୱାଡ ଖେଳାଳି ହାର୍ଦ୍ଦିକ ସିଂ ଓ ଅଧିନାୟକ ହରମନପ୍ରୀତ ସିଂଙ୍କ ବଲ ପାସିଂ ସ୍ପେନ ଦଳ ଉପରେ ପ୍ରଭାବ ପକାଇଥିଲା।




ଖେଳର ପ୍ରଥମ କ୍ୱାର୍ଟରରେ ଆମ ଦଳର ଖେଳାଳିମାନେ ବାରମ୍ବାର ନିଜ ପାଖରେ ଅଧିକ ସମୟ ବଲକୁ ରଖି ସ୍ପେନ ଗୋଲପୋଷ୍ଟ ଉପରେ ଗୋଲ କରିବାକୁ ପ୍ରୟାସ କରି ପ୍ରଥମ କ୍ୱାର୍ଟରର ୭ ମିନିଟ୍ ୧୦ ସେକେଣ୍ଡରେ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟ ଗୋଲ ହାର୍ଦ୍ଦିକ ସିଂ ଦେବା ପରେ ଖେଳାଳିଙ୍କ ମନୋବଳ ଦ୍ୱିଗୁଣିତ ହୋଇ ଯାଇଥିଲା। ମାତ୍ର ଆମ ଦଳକୁ ୫ଟି ପେନାଲଟି କର୍ଣ୍ଣରର ସୁଯୋଗ ମିଳିଥିବାବେଳେ ଆମେ ସେଥିରୁ ଗୋଟିଏ ଗୋଲ କରିପାରିଛୁ। ଆଗାମୀ ମ୍ୟାଚ୍ ଆମକୁ ଇଂଲଣ୍ଡ ଦଳ ସହିତ ଖେଳିବାକୁ ଥିବାରୁ ଆମକୁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡିବ।

ସେହିପରି ଭାରତ ଅଧିନାୟକ ହରମନପ୍ରୀତି ସିଂ କହିଥିଲେ, ଆମ ଦଳ ବେଶ୍ ସନ୍ତୁଳିତ ଅଛି। ପ୍ରତ୍ୟେକ ଖେଳାଳି ଯଦି ନିଜ ନିଜ ଦକ୍ଷତାକୁ ପରଖି ପର୍ଫର୍ମାନ୍ସ କରିବେ ତେବେ ଆମେ ମ୍ୟାଚରେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇ ପାରିବୁ। ପରାଜିତ ସ୍ପେନ ଦଳର କୋଚ୍ ମ୍ୟାରଲିସ ମାର୍କ କହିଥିଲେ, ଭାରତ ଦଳ ଆମ ଦଳଠାରୁ ବହୁତ ଭଲ ଖେଳ ପ୍ରଦର୍ଶନ କରିଛି। ଆମ ଦଳକୁ ୩ଟି ପେନାଲ୍‌ଟି ଓ ଦୁଇଟି ଗୋଲ କରିବା ପାଇଁ ସୁଯୋଗ ମିଳିଥିଲେ ମଧ୍ୟ ଆମେ ଗୋଲ କରିବାରେ ଅସମର୍ଥ ହୋଇଥିଲୁ । ତେଣୁ ଆଗାମୀ ଦିନରେ ଆଜିର ମ୍ୟାଚ୍‌ରେ ହୋଇଥିବା ତ୍ରୁଟିକୁ ନିଶ୍ଚିତ ସୁଧାରିବୁ । ଏଥିସହ ଆଗକୁ ଆମ ଦଳ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଦେବଗଡ଼, ୧୩।୧(ଡି.ଏନ୍.ଏ.)

ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଗତ ୧୧ ତାରିଖଠାରୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ଏହାର ତୃତୀୟ ଦିବସରେ ସ୍ୱେଚ୍ଛାସେବୀ ସଙ୍ଗଠନ ସିଏସ୍‌ଡିଆର୍ ସହାୟତାରେ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ବାସୁଦେବ ହାଇସ୍କୁଲ ଖେଳପଡ଼ିଆଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାକୁ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଓ ରାଜା ବାସୁଦେବ ହାଇସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ରାଜା ବାସୁଦେବ ହାଇସ୍କୁଲର ସମସ୍ତ ଛାତ୍ର ଅଂଶଗ୍ରହଣ କରି ସଡକ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ସ୍ଲୋଗାନ ସହ ନଗର ପରିକ୍ରମା କରିବା ପରେ ପୁଣି ସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ଆଞ୍ଚଳିକ ପରିବହନ




ପତାକା ଦେଖାଇ ସଚେତନତା ଶୋଭାଯାତ୍ରାକୁ ଆରମ୍ଭ କରାଯାଉଛି।

ଅଧିକାରୀ ନାୟକ, ଏମ୍‌ଭିଆଇ ଗୋଲାପ ହାଁସଦା, ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ, ରାଜା ବାସୁଦେବ ହାଇସ୍କୁଲର ପ୍ରଧାନ ଶିକ୍ଷକ ସାହୁ, ଶିକ୍ଷକ ରାମକୃଷ୍ଣ ସାହୁ, ବିନରୀ ରାଉତ, ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ, ଲୋପାମୁଦ୍ରା ସାହୁ, ଦିପାନ୍ୱିତା ସାହୁ, କବିତା ଅଡା, ରାଜା ବାସୁଦେବ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ସିଦ୍ଧାର୍ଥ ଗୁରୁ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆରର ରୀତାରାଣୀ ରାଉତଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ୩ ଦିନ ପରେ ଉଦ୍ଧାର

ଲହୁଣୀପଡା,୧୩।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜୀଂ ପଞ୍ଚାୟତ ଲୁଧୁଣି ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହକୁ ତିନି ଦିନ ପରେ ପୋଲିସ ଖୋଜି ବାହାର କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଲୁଧୁଣି ଗ୍ରାମର ମଧୁ ଓରାମ (୨୮)ଗତ ବୁଧବାର ଦିନ ଦୁଇଟା ବେଳେ ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ବାଧହୋଇ ଚାନ୍ଦିପୋଷ ଥାନାରେ ଅଭିଯୋଗ କରିଥିଲେ। ଫଳରେ ଚାନ୍ଦିପୋଷ ପୋଲିସ ଓ ଲହୁଣୀପଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ସେହି ଦିନଠାରୁ ବ୍ରାହ୍ମଣୀ ନଦୀରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। କିନ୍ତୁ ଶୁକ୍ରବାର ସେହି ସ୍ଥାନରେ ଥିବା ପାଣି ଭିତର ପଥର ସନ୍ଧି ଭିତରୁ ଖୋଜି ବାହାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ




ଆତ୍ମରକ୍ଷା ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ହେମଗିର,୧୩।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷ ଯଦୁମଣୀ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗୀତାଞ୍ଜଳି ନାୟକ, ପ୍ରଶିକ୍ଷିକା ସୁପ୍ରିୟା ପଟାଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

**OFFICE OF THE NOTIFIED AREA COUNCIL KAMAKHYANAGAR**
**"e" Procurement Notice**
**Notice No.134 NAC (K) Dt.12.01.23**
**Tender Reference No.KNR-NAC-/2022-23**

**No.C-2268:**The Notified Area Council, Kamakhyanagar invites online bid in single cover system through "e" Procurement.
Total Nos. of Works: 16 (Sixteen)
Value of works: Rs.4,05,650.00 to Rs.19,95,200.00
Date of availability of Tender for online bidding : From Dt.16.01.2023 at 11.00 A.M. upto 30.01.2023 at 5.00 P.M.
Date of Opening of Bid : Dt.31.01.2023 at 11.00 A.M.
Further details can be seen from the website: www.tendersorissa.gov.in.

**Sd./- Executive Officer N.A.C., Kamakhyanagar**
OIPR-13128/11/0019/2223

# କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଦେବଗଡ଼ ୧୩।୧(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର ଗ୍ରାମସ୍ଥିତ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବଗଡ଼ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଭାଗର ବାଳକ ବର୍ଗରେ ଛାତ୍ର ବିଭୂତି ପାତ୍ର, କନିଷ୍ଠ ବର୍ଗ ବାଳକ ବର୍ଗରେ ହିମ ସାଗର ମହାନନ୍ଦ, ବରିଷ୍ଠ ବିଭାଗ ବାଳିକା ବର୍ଗରେ ଛାତ୍ରୀ ସୀମା ପାତ୍ର, ବାଳିକା ବର୍ଗର କନିଷ୍ଠ ବିଭାଗରେ ସୁହାଷିନୀ ସ୍ୱାଇଁ ଚାମ୍ପିୟନ ହୋଇଥିବାବେଳେ ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନବୀନ ନନ୍ଦ, ବିରଞ୍ଚି ନାରାୟଣ ଦାଶ, ରୋହିତ ସାହୁ, ପବିତ୍ର ବେହେରା, ମଥୁରା ବେହେରା, ଜୟଶ୍ରୀ ଦେବତା, ସୁଧିର ପ୍ରଧାନ, ମିଳନ ସାହୁ, ଉଦ୍ଧବ ପ୍ରଧାନ, ତପନ ପ୍ରଧାନ, ଗେରାଙ୍ଗ ବିଶ୍ୱାଳ, ସୁନିତା ଧଳ ଓ ସ୍ମିତାରେଖା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଦେବଗଡ଼, ୧୩।୧(ଡି.ଏନ୍.ଏ.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ସଭାପତି ହରିନାରାୟଣ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ କୈବଲ୍ୟ କିଶୋର କର ମୁଖ୍ୟଅତିଥି ଭାବେ ଯୋଗଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରୀ ଅନ୍ୱେଶା ଦାଶ, ଛାତ୍ରୀ ରୂପାଲି ଝାଙ୍କର, ଛାତ୍ର ଋତୁରାଜ ଝାଙ୍କରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

No. O-1615

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, TITILAGARH**
E-mail ID: eerw_titilagarh@yahoo.co.in
**e-Procurement Notice**
**IFB IDENTIFICATION NO. SETIG-online-04/2022-23**

| | | | |
|---|---|---|---|
| 1. | Name of work | : | Road works |
| 2. | Total no. of works | : | 03 (Three) nos. |
| 3. | Approximate Estimated Cost | : | Varies from Rs.29.00 to 44.00 lakhs |
| 4. | Time for completion | : | 02 (Two) calendar months |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. SETIG-online-04/2022-23 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Superintending Engineer, R.W.Divn., Titilagarh | SETIG-online-04/2022-23 | 17.01.2023 at 11.00 A.M. | 27.01.2023 upto 5.00 PM | 25.01.2023 to 11.00 AM | 30.01.2023 at 11.00 A.M. |

- Further details can be seen from the website www.tenders.ori.nic.in.
- Any Corrigendum/Addendum will be displayed in the above e-tender website only.

OIPR-25078/11/0007/2223 **Sd./- Superintending Engineer, R.W. Division, Titilagarh**

**GOVERNMENT OF ODISHA**
**Office of the Executive Engineer, N.H. Division, Bhubaneswar**
E-mail- eenh_bbsr@yahoo.co.in, Ph. No.-0674-2972908
**INVITATION FOR BIDS**
**BID IDENTIFICATION NO. 13 EE NH, BBSR of 2022-23**

No.b-38:- The Executive Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Single cover system on online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

1.

